## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ଗୁରୁତର

ରାୟଗଡା,୧୧।୯ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ଜିଲାର ଥେରୁବାଲି ନିକଟ ଖେଦାପଡା ଗ୍ରାମର କୁନି କାଡ୍ରାକାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେବାରୁ ସେ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ସୂଚନା ଯୋଗ୍ୟ, ଦୁମୁରୀଗୁଡା ଛକରେ ନୂତନ ରେଳଲାଇନ କାମ ଚାଲିଥିବାବେଳେ ଲକ୍ଷ୍ମଣ କାଡ୍ରାକାଙ୍କ ଝିଅ କୁନି ଏହି କାମରେ ନିୟୋଜିତ ଥିଲେ। କାମ କରିବା ସମୟରେ ସାପ କାମୁଡି ଦେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଥେରୁବାଲିସ୍ଥିତ ଇମ୍ପା ମେଡିକାଲକୁ ନେଇଥିଲେ, ହେଲେ ସେ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବେଡ୍ ଅଭାବ ଥିବାରୁ ବାରଣ୍ଡାରେ ତାଙ୍କୁ ଚିକିତ୍ସା କରାଯାଉଛି। ତେବେ ଉକ୍ତ କାମରେ ତାଙ୍କୁ ନିୟୋଜିତ କରିଥିବା ଠିକାଦାର କୌଣସି ଦାୟିତ୍ୱ ନେଇ ନ ଥିବାରୁ ପରିବାର ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି ।

### ସୁସ୍ଥ ହୋଇ କାର୍ଯ୍ୟରେ ଯୋଗଦେଲେ ଉପଜିଲାପାଳ

ଗୁଣପୁର,୧୧।୯ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଉପ ଜିଲାପାଳ ଲଳିତ କୁମାର କହଁର ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସୁସ୍ଥହୋଇ ଫେରିବା ପରେ ତାଙ୍କୁ ପ୍ରଶାସନିକ ଅଧିକାରୀଙ୍କ ସମେତ କାର୍ଯ୍ୟାଳୟ କର୍ମଚାରୀମାନେ ସ୍ୱାଗତ ଜଣାଇଥିଲେ। ସେ ହୃଦଘାତରେ ପିଡିତ ହୋଇ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗଷ୍ଟ ୪ରୁ ୯ତାରିଖ ପର୍ଯ୍ୟନ୍ତ ଚିକିତ୍ସିତ ହୋଇଥିଲେ। ଏହାପରେ ସେ ଛୁଟିରେ ଥିଲେ। ସେ ଛୁଟିରେ ଥିବାରୁ ଆଇଟିଡିଏର ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନ ଉପ ଜିଲାପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇ ଥିଲେ।

### ଜାତୀୟ ସ୍ପୋର୍ଟସ ଫେଡେରେଶନ କାର୍ଯ୍ୟକାରିଣୀ ବୈଠକ



ରାୟଗଡା, ୧୧।୯(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ସହରର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଜାତୀୟ ସ୍ପୋର୍ଟସ ଫେଡେରେସନର ସାରା ରାଜ୍ୟର ପାୱାର ଲିଫ୍ଟିଂ ସଦସ୍ୟମାନେ ଏକ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିଥିଲେ। ଫେଡରେସନ ତରଫରୁ ରାୟଗଡା ସହରର ଦୋରା କଣ୍ଡାଗୋରୀଙ୍କୁ ଜାତୀୟ ସ୍ପୋର୍ଟସ ଫେଡେରେସନ ସମ୍ପାଦକ ରୂପେ ଚୟନ କରାଯାଇଥିଲା। ଆଗାମୀ ଦିନରେ ଫେଡେରେସନ ପାୱାର ଲିଫ୍ଟିଂ ସହିତ କବାଡି, ଯୋଗ, ଖୋକୋ ଭଳି ଖେଳରେ ନୂତନ ଖେଳାଳି ଓ ଯୁବକ ଯୁବତୀମାନଙ୍କୁ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଦେବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସମ୍ପାଦକ ଦୋରା କଣ୍ଡାଗୋରୀ କହିଥିଲେ। ବୈଠକରେ ରାଜ୍ୟ ଓ ଜାତୀୟସ୍ତରର ପାୱାର ଲିଫ୍ଟିଂ ଖେଳାଳିମାନେ ଯୋଗ ଦେଇଥିଲେ। ଆଗାମୀ ଦିନରେ ରାୟଗଡା ସହରରେ ଜାତୀୟ ପାୱାର ଲିଫ୍ଟିଂ ଓ ବେଞ୍ଚ ପ୍ରେସ୍ ଚାମ୍ପିୟନସିପ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲରେ ତାଲା



ରାୟଗଡା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ।

ରାୟଗଡ଼ା,୧୧।୯(ଭାଗ୍ୟଶ୍ରୀ ମିଶ୍ର)

ଓଡ଼ିଶା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ପ୍ରାଥମିକ ଶିକ୍ଷକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ରାୟଗଡା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବି ନେଇ ରାୟଗଡା ବ୍ଲକର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟତ୍ରୀ ଶିକ୍ଷକ ସୋମବାରଠାରୁ ଧାରଣା ଆରମ୍ଭ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିବା ସହ ଧାରଣାରୁ ଓହରିବୁ ନାହିଁ । ସରକାର ଦାବି ନ ଶୁଣିବା ପର୍ଯ୍ୟନ୍ତ ସ୍କୁଲରେ ତାଲା ଖୁଲିବ ବୋଲି ଆନ୍ଦୋଳନରତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଚେତାବନୀ ଦେଇଛନ୍ତି ।

**୩ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକଙ୍କ ଧାରଣା**

ସେମାନଙ୍କ ଦାବିଗୁଡ଼ିକ ହେଲା ମୁଖମନ୍ତ୍ରୀ ରାଜ୍ୟର ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭଗରେ କାର୍ଯରତ ସମସ୍ତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହ ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରିରେ ଗଣନା କରିବା, ଗଣ ଶିକ୍ଷକ, କ୍ରୀଡ଼ା ଓ କଳା ଶିକ୍ଷକମାନଙ୍କୁ ନିୟମିତ ମାନ୍ୟତା ପ୍ରଦାନ କରିବା, ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ମୂଳ ବେତନ ଲେଭୁଲ -୯ ଗ୍ରେଡ୍ ପେ ୪୨୦୦ ଅନୁଯାୟୀ ପ୍ରଦାନ କରାଯିବା, ନୂତନ ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦକରି ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନଃ ପ୍ରଚଳନ ବ୍ୟବସ୍ଥା କରାଯାଉ ବୋଲି ଦାବି କରାଯାଇଛି। ଜିଲାର ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ରାୟଗଡା ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ଏକ ରାଜ୍ୟସ୍ତରୀୟ ସମସ୍ୟା ଲାଗି ରହିଛି ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି। ଏନେଇ ରାୟଗଡ଼ା ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି ଏହା ରାଜ୍ୟ ସାରାର ସମସ୍ୟା ଏକା ଥରେ ସମସ୍ତେ ଧାରଣାରେ ବସୁଛନ୍ତି । ପାଠପଢ଼ା ଠପ୍‌ର ବ୍ୟବସ୍ଥା କଥା ପଚାରବାରୁ ଯେଉଁଠି ଶିକ୍ଷକ ଅଛନ୍ତି ସେଠାରେ ସମସ୍ୟା ହେଉନାହିଁ ଯେଉଁଠି ନାହାନ୍ତି ସେଠାରେ ସମସ୍ୟା ହେଉଥିବା ସେ କହିଛନ୍ତି ।

## ଗୁଣପୁରରେ ଶିକ୍ଷକ ସଂଘର ଧାରଣା

ଗୁଣପୁର,(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରଠାରେ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାରଠାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ବିଭିନ୍ନ ଦାବି ପୂରଣ ପାଇଁ ଗତ ଅଗଷ୍ଟ ୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଶିକ୍ଷକ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ହେଲେ ସରକାର ଏହି ଦାବିଗୁଡିକ ପୂରଣ କରି ନ ଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସଭାପତି ଶିବ ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି। ବିଭିନ୍ନ ଦାବି ନେଇ ଗତ ୨୭ ନଭେମ୍ବର ୨୦୨୨ରେ ଶିକ୍ଷକମାନେ ଆନ୍ଦୋଳନ କରିଥିଲେ। ସେହି ସମୟରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ସେମାନେ ଆନ୍ଦୋଳନରୁ ହଟିଥିଲେ। ହେଲେ ସେମାନଙ୍କ ଦାବି ଅଦ୍ୟାବଧି ସରକାର ପୂରଣ କରି ନ ଥିବାରୁ ପୁଣି ଥରେ ସେମାନେ ରାଜରାସ୍ତାକୁ ଓହ୍ଲାଇଥିବା କହିଛନ୍ତି।



ଶିକ୍ଷୟତ୍ରୀ ଶିକ୍ଷକମାନେ ଧାରଣାରେ ବସିଛନ୍ତି ।

### ବଂଶଧାରାରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ଗୁଡ଼ାରି,୧୧।୯ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରିସ୍ଥିତ ବଂଶଧାରା ନଦୀରେ ରବିବାର ଭାସି ଯାଇ ନିଖୋଜ ଥିବା ବ୍ୟକ୍ତିଙ୍କ ମୃତଦେହ ସୋମବାର ନଦୀର ପୁଷ୍କର ଘାଟ ନିକଟରୁ ଜବତ ହୋଇଛି। ଅଗ୍ନିଶମ କର୍ମଚାରୀମାନେ ଜବତ ମୃତଦେହକୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗୁଡ଼ାରି ତହସିଲଦାର ତଥା ମାଜିଷ୍ଟ୍ରେଟ ଭାରତୀ ଦେବୀ, ଏନ୍‌ଏସି ଅଧକ୍ଷା ସରମିତା ଶବର, ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରୂପା ନନ୍ଦ ବେହେରା ଓ ସବ ଇନ୍ସପେକ୍ଟର ରାଜେଶର ଶବରଙ୍କ ଉପସ୍ଥିତିରେ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ ଗୁଣୁପୁର ପଠାଯାଇଥିଲା।

### ଘର ପିଣ୍ଡାରୁ ବାଇକ୍ ଚୋରି

ନନ୍ଦପୁର, ୧୧।୯(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମା ହାଟପଦା ନିକଟରୁ ଜଣେ ବ୍ୟକ୍ତିଙ୍କ ଘର ପିଣ୍ଡାରୁ ତାଙ୍କ ବାଇକ୍ (ଓଡି ୨୪ସି ୯୧୯୬ ) ରବିବାର ରାତିରେ ଚୋରି ହୋଇଯାଇଛି। ଗାଡ଼ି ମାଲିକ କୁମଚନ୍ଦ୍ର ଖିଲ ଏନେଇ ନନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ନନ୍ଦପୁର କୁମ୍ଭାରସାହିର ବାସିନ୍ଦା କୁମଚନ୍ଦ୍ର ନବରଙ୍ଗପୁର ଜିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗରେ କାର୍ଯ୍ୟ କରନ୍ତି। ସେ ପ୍ରତି ରବିବାର ବାଇକ୍ ଯୋଗେ ଘରକୁ ଆସି ପରିବାର ସହ ସମୟ କାଟି ସୋମବାର ସକାଳୁ ନବରଙ୍ଗପୁର ଫେରିଯାଆନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# କାଶୀପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

ଟିକିରି, ୧୧।୯ (ପ୍ରଫୁଲ୍ଲ କୁମାର ବେହେରା)



ହିତାଧିକାରୀଙ୍କ ସହ ଅଧିକାରୀମାନେ ।

ରାୟଗଡା ଜିଲା ପ୍ରଶାସନ ତରଫରୁ କାଶୀପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସ୍ୱଧାଦେବ ସିଂଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର,ରାୟଗଡ ଉପ ଜିଲାପାଳ ଭୀମସେନ ଶବର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦିଲ୍ଲୀପ କୁମାର ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର ପ୍ରମୁଖ ଯୋଗଦାନ କରି ଶୁଣାଣି କରିଥିଲେ । ମୋଟ ୮୪ଟି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୬୦ଟି ବ୍ୟକ୍ତିଗତ ଓ ୨୪ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା । ଏହାପରେ ଅତିରିକ୍ତ ଜିଲାପାଳ ପ୍ରଧାନ ତହସିଲଦାର କାର୍ଯ୍ୟାଳୟରେ ୪୪ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ସହ ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ୮ ଜଣଙ୍କ ଜମି ପଟ୍ଟା ପ୍ରଦାନ କରିଥିଲେ ।

ଏହି ଅଭିଯୋଗ ଶିବିରରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ସିଡିଭିଓ ହାଡିବନ୍ଧୁ ଭୋଇ, ଡ଼ିଡ଼ିଏଚ ଦୟାନିଧି ରାଉତ, ଜଳ ବିଭାଜିକା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ, ଜିଲା ମଙ୍ଗଳ ଅଧିକାରୀ ବିଶ୍ୱାଳଙ୍କ ସମେତ କାଶୀପୁର ବିଡ଼ିଓ, ତହସିଲଦାର ଏବଂ ଅନ୍ୟ ବିଭାଗୀୟ ବ୍ଲକସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ସେହିପରି ଜିଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଅତିରିକ୍ତ ଜିଲାପାଳ ଅଭିଯୋଗଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା,୧୧।୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଷ୍ଟେଶନ ପରିସରରୁ ଅବକାରୀ କର୍ମଚାରୀ ସୋମବାର ୨୦ କେଜି ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଜଣକୁ ଗିରଫ କରିଛନ୍ତି । ଗିରଫ ବ୍ୟକ୍ତି ଜଣକ ହେଲେ ଉତ୍ତରପ୍ରଦେଶ ରାଜ୍ୟ କାନପୁର ଜିଲା ଲାଣ୍ଡପତ୍ରି ଗ୍ରାମର ସୁଶୀଲ କୁମାର ଗୌତମ । ସୁଶୀଲ ଚୋରାରେ ଗଞ୍ଜେଇ କିଣି ଉତ୍ତରପ୍ରଦେଶ ଅଭିମୁଖେ ଟ୍ରେନ୍‌ରେ ଯିବା ପାଇଁ ରାୟଗଡ଼ା ରେଳ ଷ୍ଟେଶନ ନିକଟରେ ଅପେକ୍ଷା କରିଥିଲେ। ଅବକାରୀ ଇନସ୍ପେକ୍ଟର ସୀମା କିରଣ ବେକ୍‌ଙ୍କ ନେତୃତ୍ୱରେ ରେଳ ଷ୍ଟେଶନରେ ଚଢ଼ାଉ କରାଯାଇ ସୁଶୀଲଙ୍କଠାରୁ ୨୦.୩୪୦ କେଜି ଗଞ୍ଜେଇ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଇନସ୍ପେପକ୍ଟର ସୀମା କିରଣ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଇନସ୍ପେକ୍ଟର ସୀମାଙ୍କ ସହିତ ଏସ୍‌ଆଇ ସଞ୍ଜୟ ପ୍ରଧାନ, ଏଏସଆଇ ରାଶି ନାୟକ, ସଂଗ୍ରାମ କେଶରୀ ପ୍ରଧାନ, ଉମେଶ ଦୋରା ଓ କେ.ଭାସ୍କରଙ୍କ ସମେତ କନେଷ୍ଟବଳମାନେ ଉପସ୍ଥିତ ଥିଲେ ।

## ଜାତୀୟ ପତାକାକୁ ଅସମ୍ମାନ କରୁଛି ଖଣି ନିଗମ



ଚିରି ଯାଇଥିବା ଜାତୀୟ ପତାକା ।

ରାୟଗଡ଼ା,୧୦।୯(ଆଶିଷ ରଞ୍ଜନ ପଣ୍ଡା)

ଜାତୀୟ ପତାକା ତ୍ରିରଙ୍ଗାକୁ ଅସମ୍ମାନ କରୁଛି ଓଡ଼ିଶା ଖଣି ନିଗମ । ରାୟଗଡ଼ା ସଦର ବ୍ଲକ ଅନ୍ତର୍ଗତ ବାରିଝୋଲା ଗ୍ରାମସ୍ଥିତ ଓଡ଼ିଶା ଖଣି ନିଗମ କାର୍ଯ୍ୟାଳୟ ପରିସରରେ ଏକ ବଡ଼ ଜାତୀୟ ପତାକା ଚିରି ଖଣ୍ଡ ହୋଇ ଉଡୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏହାକୁ ଭ୍ରୁକ୍ଷେପ କରୁ ନ ଥିବା ଦେଖିବାକୁ ମିଳିଛି। ଜାତୀୟ ପତାକା ଏହିଭଳି ଚିରା ଫଟା ଭାବେ ଉଡୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଦେଖି ନ ଦେଖିଲା ଭଳି ରହିଯିବାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। ଖଣି ଲିଜ୍ ଦେଇ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିବା ଓଡ଼ିଶା ଖଣି ନିଗମ ଦେଶର ଗୌରବ ଜାତୀୟ ପତାକାକୁ ଅସମ୍ମାନ କରୁଥିବା ଲୋକେ କହିଛନ୍ତି । ତେଣୁ ଓଡ଼ିଶା ଖଣି ନିଗମ ବିଭାଗ ଏହି ଜାତୀୟ ପତାକାକୁ ବାହାର କରି ନୂତନ ଜାତୀୟ ପତାକାକୁ ଲଗାଇବାକୁ ସାଧାରଣରେ ଦାବି ହୋଇଛି।

# ୮ କମ୍ପାନୀ ଦ୍ୱାରା ୧୧୫ ଛାତ୍ରୀଛାତ୍ର ଚୟନ

ରାୟଗଡ,୧୧।୯ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନଠାରେ ସୋମବାର ପ୍ରଧାନମନ୍ତ୍ରୀ ଆପ୍ରେଣ୍ଟିଶିପ୍ ମେଳା -୨୦୨୩ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ୧୫୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲାର ପ୍ରାୟ ୮ଟି କମ୍ପାନୀ ଯୋଗଦାନ କରି ୧୧୫ ଛାତ୍ରୀଛାତ୍ରଙ୍କୁ ଚୟନ କରି ନିଯୁକ୍ତି ଦେଇଥିଲେ। ମେଳାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତୋ, ମୁଖ୍ୟବକ୍ତା ଭାବେ ବସନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ତତୋମସୀ ମହାପାତ୍ର, ଜିଲା ନିୟୋଜନ ଅଧିକାରୀ ସବ୍ୟସାଚୀ ସାହୁ




ମେଳାରେ ମଞ୍ଚାସୀନ ଅଧିକାରୀ।

**ପ୍ରଧାନମନ୍ତ୍ରୀ ଆପ୍ରେଣ୍ଟିଶିପ୍ ମେଳା**

ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ଅତୁଲ୍ୟ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ନିମନ୍ତ୍ରିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ରଇତୋ ଛାତ୍ରୀଛାତ୍ରଙ୍କୁ କୁଶଳୀ ହେଇ ଆତ୍ମନିର୍ଭରଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ଶିଳ୍ପ ବିକାଶ ଅଧିକାରୀ ସାହୁ ତାଙ୍କ ଅଭିଭାଷଣରେ ଦକ୍ଷତାର ବିକାଶ ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ତାଲିମ ଅଧିକାରୀ ନିଶିକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ପଦ୍ମପୁରରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା

ପଦ୍ମପୁର, ୧୧।୯ (ପ୍ରଶାନ୍ତ କୁମାର କର)



ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ।

ରାଜ୍ୟ ପ୍ରାଥମିକ ଶିକ୍ଷକ ସଙ୍ଘର ଆହ୍ୱାନକ୍ରମେ ପଦ୍ମପୁରସ୍ଥିତ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକର ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକମାନେ ସୋମବାର ସେମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଧାରଣାରେ ବସିଥିଲେ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ନୂତନ ପେନସନ ବ୍ୟବସ୍ଥା ବଦଳରେ ପୁରାତନ ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା, ଏକ୍ସ କ୍ୟାଡ଼ର ଉଛେଦ, ଲେଫ୍ଟ ଆଉଟ ଗଣଶିକ୍ଷକଙ୍କୁ ନିୟମିତ କରିବା, କଳାକ୍ରିଡା ଶିକ୍ଷକଙ୍କୁ ଉଚିତ ପ୍ରାପ୍ୟ ପ୍ରଦାନ ଇତ୍ୟାଦି ଦାବି ନେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗାନ୍ଧିଜୀଙ୍କ ଫଟୋଚିତ୍ର ତଳେ ସମବେତ ହୋଇ ଧାରଣାରେ ବସିଥିଲେ। ପରେ ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁଭାଷ ଚନ୍ଦ୍ର ଶବରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ରାୟଗଡ଼ା ଜିଲାପାଳ ଏକାଦଶ ଦଳ ଚାମ୍ପିୟନ

ଟିକିରି,୧୧।୯ ( ପ୍ରଫୁଲ୍ଲ କୁମାର ବେହେରା)

ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ ପକ୍ଷରୁ ଗତ ୯ ତାରିଖରେ ଓଷାପଡ଼ା ସହରାଞ୍ଚଳ କ୍ରିକେଟ ପଡିଆରେ ଏକଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ରାୟଗଡ଼ା ଜିଲାପାଳ ଏକାଦଶ, ରାୟଗଡା ଏସ୍‌ପି ଏକାଦଶ, ରାୟଗଡା ସିଆରପିଏଫ୍ ଏକାଦଶ, କଳାହାଣ୍ଡି ଜିଲା ପ୍ରଶାସନ ଏକାଦଶ, ରେଳ ଡିଭିଜନ ଏକାଦଶ ଏବଂ ଉତ୍କଳ ଆଲୁମିନା ଏକାଦଶ ମୋଟ ୬ଟି ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ରାୟଗଡ଼ା ଏସ୍‌ପି ଏକାଦଶକୁ ହରାଇ ରାୟଗଡ଼ା ଜିଲାପାଳ ଏକାଦଶ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଜିଲାପାଳ ସ୍ୱଧାଦେବ ସିଂହ, ଏସ୍‌ପି ବିବେକାନନ୍ଦ ଶର୍ମା, ସିଆର୍‌ପିଏଫ୍ ଡିଆଇଜି ଅଜିତ ସାଙ୍ଗୱାନ, ଭୁବନେଶ୍ୱର ଅତିରିକ୍ତ ଶ୍ରମ ଆୟୁକ୍ତ ନୀଳାମ୍ବର ମିଶାଲ, ରାୟଗଡ଼ା ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଆର୍‌ଟିଓ ଅଫିସର ଶଙ୍କର ଚୌଧରୀ , ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ ଏବଂ ଉଜ୍ଜ୍ୱଳା ମହିଳା କ୍ଲବର ଅଧକ୍ଷା ହିନା ବେଗ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଉତ୍କଳ ଆଲୁମିନା ୟୁନିଟ୍ ହେଡ୍ ଓ ପ୍ରେସିଡେଣ୍ଟ ମଜହର ବେଗ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଉତ୍କଳ ଆଲୁମିନା ଟିମ୍ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ପୀତାମ୍ବର ବେହେରା, ଏଜିଏମ୍‌ଓ ପିଆର୍‌ଓ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ ।

**ଉତ୍କଳ ଆଲୁମିନା ଦ୍ୱାରା ସହଭାଗୀ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ**




ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ୩୬ ଫୁଟ୍‌ର ଗଣେଶ ମୂର୍ତ୍ତି, ୧୧୧ କେଜି ଲଡୁ ମୁଖ୍ୟ ଆକର୍ଷଣ

ରାୟଗଡା,୧୧।୯( ଭାଗ୍ୟଶ୍ରୀ ମିଶ୍ର)

ଆଉ କିଛିଦିନ ପରେ ଗଣେଶ ପୂଜା। ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ରାୟଗଡା ସହରର ସମସ୍ତ ସ୍ଥାନରେ ଆରମ୍ଭ ହୋଇଯାଇଛି ତୋରଣ ସାଜସଜ୍ଜା ଏବଂ ମୂର୍ତ୍ତି କାମ । ସ୍ଥାନୀୟ କଲେଜ ରୋଡ଼ରେ ଆୟୋଜିତ ୟୁଥ ବୈଶ୍ୟ ପୂଜା କମିଟି ୭ମ ବର୍ଷରେ ପଦାର୍ପଣ କରିଛି । ବୁଦ୍ରା ବାଲସା ୟୁଥ ବୈଶ୍ୟ କମିଟି ପକ୍ଷରୁ ସହରରେ ଅତ୍ୟନ୍ତ ଆଡମ୍ବର ଏବଂ ଅଧିକ ବ୍ୟୟବହୁଳ ଭାବେ ଏହି ଗଣେଶ ପୂଜା ପାଳନ କରାଯାଉଥିବାରୁ କମ୍ ଦିନରେ ବେଶ୍ ଲୋକପ୍ରିୟ ହୋଇପାରିଛି ଏହି ଗଣେଶ ପୂଜା। ଚଳିତବର୍ଷ ନିଆରା ଢଙ୍ଗରେ ପୂଜା ପାଳନ କରିବା ପାଇଁ ବୁଦ୍ରା ବାଲସା ୟୁଥ ବୈଶ୍ୟ କମିଟି ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏଥର ଏଠାରେ ଗଜାନନ ସର୍ପ ଉପରେ ବିରାଜମାନ ହେବେ ବୋଲି ଜଣାପଡିଛି। ୩୬ ଫୁଟ ଉଚ୍ଚତାର ମୂର୍ତ୍ତି ଏବଂ ୧୧୧ କେଜିର ବୁନ୍ଦି ଲଡୁ ଚଳିତ ଗଣେଶ ପୂଜାରେ ମୁଖ୍ୟ ଆକର୍ଷଣ ହେବ ବୋଲି ଜଣାପଡିଛି।

କ୍ଲବ ପକ୍ଷରୁ ଗଣେଶ ପୂଜା ଖର୍ଚ୍ଚ ପାଇଁ ୮ ଲକ୍ଷର ବଜେଟ ରହିଛି। ସହରର ସବୁ କମିଟି ତୁଳନାରେ ଏଠାରେ ସବୁଠୁ କେବଳ ମୂର୍ତ୍ତି ନିର୍ମାଣ କରାଯାଉଥିବାବେଳେ ମୂର୍ତ୍ତି ପାଇଁ ୨ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ କରାଯାଉଥିବା କମିଟି ପକ୍ଷରୁ କୁହାଯାଇଛି। ଗତ ବର୍ଷ ମଧ୍ୟ ୟୁଥ ବୈଶ୍ୟ ପୂଜା କମିଟିର ମୂର୍ତ୍ତି ରାୟଗଡାରେ ପ୍ରଥମ ହୋଇଥିଲା। କୋଲକାତାରୁ କାରିଗର ଆସି ପ୍ରାୟ ୨ମାସ ଧରି ମୂର୍ତ୍ତି ନିର୍ମାଣ କରୁଛନ୍ତି । ପ୍ରାୟ ୨୧ ଦିନ ଧରି ଏଠାରେ ଗଜାନନ ପୂଜା ପାଇବେ ବୋଲି କମିଟି ସଦସ୍ୟ କହିଛନ୍ତି। ୨୦୧୫ରୁ ବୁଦ୍ରା ବାଲସା ଏବଂ କଲେଜ ରୋଡ଼ ସହରର କିଛି ଯୁବକ ମିଶି ଚାନ୍ଦା ଆଦାୟ କରି ୫୦ ହଜାର ଟଙ୍କାରୁ ଆରମ୍ଭ କରିଥିଲୁ। କିନ୍ତୁ ଯୁବକମାନଙ୍କ ଇଚ୍ଛା ଶକ୍ତି ପାଇଁ ଆମେ ପ୍ରତିବର୍ଷ ଆଡମ୍ବର ସହକାରେ ନୂଆ ଧରଣର ପୂଜା କରୁଛୁ ବୋଲି କମିଟି ସଭାପତି ପି. ଶିବା କହିଛନ୍ତି। ପୂଜା କମିଟି ପକ୍ଷରୁ ସୁନ୍ଦର ଡିଜାଇନର ତୋରଣ ନିର୍ମାଣ କରାଯିବା ସହ ଆଲୋକମାଳାରେ ସଜ୍ଜିତ କରାଯିବ। ସେହିପରି ମନୋରଞ୍ଜନ ପାଇଁ କୋବ୍ରା ବେଶ, ବାଜା, ଷ୍ଟାରଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ସବୁ ରହିଥିବା ଜଣାପଡିଛି।



- ସର୍ପ ଉପରେ ବିରାଜମାନ ହେବେ ଗଜାନନ
- ୭ମ ବର୍ଷରେ ବୁଦ୍ରା ବାଲାସା ୟୁଥ୍ ବୈଶ୍ୟ କମିଟି

## ସଂକ୍ଷେପରେ

### ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

#### ପରିବାର ଲୋକେ ଆଣିଲେ ଅବହେଳା ଅଭିଯୋଗ

**ଜୟପୁର, ୧୧।୯ (ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ ହରଡାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ହେଷ୍ଟେଲରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ସୋମବାର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି । ସେ ହେଲେ ତପସ୍ୱିନୀ ଗାଦବା (୧୩) । କ୍ରିଷ୍ଣା ଗାଦବାଙ୍କ ଝିଅ ତପସ୍ୱିନୀ କୁସୁମୀ ରାବଣାଗୁଡା ଗ୍ରାମରୁ ଆସି ବିଦ୍ୟାଳୟ ହେଷ୍ଟେଲରେ ରହି ଏଠାରେ ପଢୁଥିଲେ । ଏ ସମ୍ପର୍କରେ ଜାଣିବା ପରେ ପରିବାର ଲୋକେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଏନେଇ ଜୟପୁର ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅଭା ପ୍ରଧାନ କହିଛନ୍ତି, ଛାତ୍ରୀ ଜଣକ ରବିବାର ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ରାବଣାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଚିକିତ୍ସା କରି ଗ୍ୟାସ ହୋଇଯାଇଥିବା କହି ଔଷଧ ଦେଇଥିଲେ। ପରେ ତାଙ୍କୁ ହଷ୍ଟେଲକୁ ଆଣାଯାଇଥିଲା। ପୁଣି ସୋମବାର ସକାଳୁ ତପସ୍ୱିନୀ ବାନ୍ତି କରିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ରାବଣାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ସମୟରେ ରାସ୍ତାରେ ସେ ଅଚେତ ହୋଇ ପଡିଥିଲେ। ଡାକ୍ତର ଚିକିତ୍ସା ଆରମ୍ଭ କରି ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରଧାନ କହିଛନ୍ତି। ଏନେଇ ବିଦ୍ୟାଳୟ ପକ୍ଷରୁ ତପସ୍ୱିନୀଙ୍କ ବାପା କ୍ରିଷ୍ଣାଙ୍କୁ ଅବଗତ କରାଯିବା ପରେ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଛନ୍ତି। ତେବେ ବିଦ୍ୟାଳୟର ଅବହେଳା ଯୋଗୁ ତାଙ୍କ ଝିଅର ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ହରଡାପୁଟ ବିଦ୍ୟାଳୟ ବୋରିଗୁମ୍ମା ଥାନା ଅଧୀନରେ ଥିବାରୁ ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଘର ପିଣ୍ଡାରୁ ବାଇକ୍ ଚୋରି

**ନନ୍ଦପୁର, ୧୧।୯(ଶଙ୍କର ପୂଜାରୀ)**

ନନ୍ଦପୁର ବ୍ଲକ ସଦର ମହକୁମା ହାଟପଦା ନିକଟରୁ ଜଣେ ବ୍ୟକ୍ତିଙ୍କ ଘର ପିଣ୍ଡାରୁ ତାଙ୍କ ବାଇକ୍ (ଓଡି ୨୪ସି ୯୧୯୬ ) ରବିବାର ରାତିରେ ଚୋରି ହୋଇଯାଇଛି। ଗାଡ଼ି ମାଲିକ କୁମଚନ୍ଦ୍ର ଖିଲ ଏନେଇ ନନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ନନ୍ଦପୁର କୁମ୍ଭାରସାହିର ବାସିନ୍ଦା କୁମଚନ୍ଦ୍ର ନବରଙ୍ଗପୁର ଜିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗରେ କାର୍ଯ୍ୟ କରନ୍ତି। ସେ ପ୍ରତି ରବିବାର ବାଇକ୍ ଯୋଗେ ଘରକୁ ଆସି ପରିବାର ସହ ସମୟ କାଟି ସୋମବାର ସକାଳୁ ନବରଙ୍ଗପୁର ଫେରିଯାଆନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

### ଅଭିଯୋଗ ଶୁଣାଣି

**ଜୟପୁର, ୧୧।୯ (ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ସହ ମାଗଣା ସ୍ୱାସ୍ଥ୍ୟସେବା ଶିବିର ସୋମବାର ଅନୁଷ୍ଠିତ ହୋଇଛି । ଏଥିରେ ଜିପିଓ ପ୍ରଶାନ୍ତ ମିଶ୍ର, ଏପିଓ ମାନସ କର, ସହକାରୀ ଯନ୍ତ୍ରୀ ରଞ୍ଜିତାରାଣୀ ପଣ୍ଡା, ସରପଞ୍ଚ, ସମିତିସଭ୍ୟା, ଜିଆରଏସ୍, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ, ହର୍ଟିକଲଚର, କୃଷି ବିଭାଗ ସହ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ରହି ଅଭିଯୋଗ ଜରାଇଥିଲେ। ନୁତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ନେଇ ଗ୍ରାମବାସୀ ଦାବି କରିଥିଲେ। ଏହି ଅବସରରେ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାରୁ କିପରି ଲାଭ ପାଇପାରିବେ ସେନେଇ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଅନୁଷ୍ଠିତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଗ୍ରାମବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେଇଥିଲେ।

# ସବୁ ଶିଶୁଙ୍କୁ ଟିକାଦାନ ଲକ୍ଷ୍ୟ ରଖାଯାଇଛି: ଏଡିପିଏଚ୍ଓ

**କୋରାପୁଟ,୧୧।୯(ଅମିତାଭ ବେହେରା)**



ଜଣେ ଶିଶୁଙ୍କୁ ଟିକା ପ୍ରଦାନ କରାଯାଉଛି।

**କୋରାପୁଟ ଜିଲାରେ ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମ ଶୁଭାରମ୍ଭ**

କୋରାପୁଟ ଜିଲାରେ ମିଶନ ଇନ୍ଦ୍ରଧନୁଷ ୫.୦ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। କୋରାପୁଟସ୍ଥିତ ଲାଣ୍ଡିଗୁଡା ଅଙ୍ଗନୱାଡି କେନ୍ଦ୍ରରେ ଏଡିପିଏଚ୍ଓ ଡାକ୍ତର ନୀଳମାଧବ ଶତପଥୀ ଏଥିରେ ମୁଖ୍ୟ ଅତିଥ୍ୟ ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିଶୁଙ୍କୁ ସମ୍ପୂର୍ଣ୍ଣ ଟିକାକରଣ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ମିଶନ ସେପ୍ଟେମ୍ବର ୧୧ରୁ ୧୬ ପର୍ଯ୍ୟନ୍ତ, ଅକ୍ଟୋବର ୯ରୁ ୧୪ ପର୍ଯ୍ୟନ୍ତ ଏବଂ ନଭେମ୍ବର ୬ରୁ ୧୧ ପର୍ଯ୍ୟନ୍ତ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯିବ ବୋଲି ସେ କହିଛନ୍ତି। ଶିଶୁଜନ୍ମ ହେବାଠାରୁ ଆରମ୍ଭ କରି ୫ ବର୍ଷ ବୟସର ଶିଶୁଙ୍କୁ ଟିକା ପ୍ରଦାନ କରାଯାଉଛି। ଅନେକ ସମୟରେ ଶିଶୁମାନେ ଟିକା ନେବାରୁ ବଞ୍ଚିତ ହେଉଛନ୍ତି । ଟିକା ନେବାରୁ ଯେଉଁ ଶିଶୁମାନେ ବଞ୍ଚିତ ରହିଛନ୍ତି ସେମାନଙ୍କୁ ମଧ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମରେ ଟିକା ଦେବା ବ୍ୟବସ୍ଥା କରାଯାଇଛି । ଜିଲାରେ ୬୦ଟି କେନ୍ଦ୍ରରେ ଏହି କାର୍ଯ୍ୟ ଚାଲିଛି । ଟିକାଦାନ କେନ୍ଦ୍ରରେ ଯେଉଁ ଶିଶୁ ମାନେ ଟିକା ନେଇ ନ ଥିବେ ସେମାନଙ୍କୁ ଖୋଜି ବାହାରେ କରି ଟିକା ଦେବା ବ୍ୟବସ୍ଥା କରାଯିବ। ଏଥିପାଇଁ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କୁ ନିୟୋଜିତ କରାଯାଇଛି। ଜିଲାରେ ରହିଥିବା ସମସ୍ତ ଶିଶୁଙ୍କୁ ଏହି ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଏଡିପିଏଚ୍ଓ ଶତପଥୀ ପ୍ରକାଶ କରିଛନ୍ତି।

# ୨ ଦିନ ପରେ ମିଳିଲା ଜୟଙ୍କ ମୃତଦେହ

**ନନ୍ଦପୁର, ୧୧।୯(ଶଙ୍କର ପୂଜାରୀ)**

**ଡଙ୍ଗାରୁ ଖସି ପାତାଳୀ ନଦୀରେ ନିଖୋଜ ଘଟଣା**

ଶନିବାର ଅପରାହ୍ନ ୨ଟାରେ ପାତାଳୀ ନଦୀର ଦାରଲିପୁଟ-ଗୋଲୁର ନଦୀଘାଟରେ ଦେଶୀ ଡଙ୍ଗାରୁ ଖସିପଡ଼ି ନିଖୋଜ ହୋଇଯାଇଥିବା ଗାଲଗାଣ୍ଡା ଗ୍ରାମର ଯୁବକ ଜୟ ଖିଲ (୩୭)ଙ୍କ ମୃତଦେହ ସୋମବାର ମିଳିଛି। ସେ ନିଖୋଜ ହେବାର ୪୪ ଘଣ୍ଟା ପରେ କୁଲାବିର ପଞ୍ଚାୟତର ଜଡ଼ାପୁଟ ଘାଟଠାରୁ ଏହା ଉଦ୍ଧାର କରାଯାଇଥିବା ନନ୍ଦପୁର ଅଗ୍ନିଶମ ବାହିନୀ ପକ୍ଷରୁ ପି.ଆର୍. ପାତ୍ର କହିଛନ୍ତି। ପାଡୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ପୂର୍ବରୁ ଦାଏର ହୋଇଥିବା ନିଖୋଜ ମାମଲାକୁ ଅପମୃତ୍ୟୁ ମାମଲାରେ ପରିଣତ କରାଯାଇଥିବା ଥାନାଧିକାରୀ ଅଶୋକ ବିଶୋୟୀ ସୂଚନା ଦେଇଛନ୍ତି। ନନ୍ଦପୁର ତହସିଲ ତରଫରୁ ରେଡ୍‌କ୍ରସ୍ ସହାୟତା ସମେତ ଆଗକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏକ୍ସଗ୍ରାସିଆ ସହାୟତା ପ୍ରଦାନ କରାଯିବା ନେଇ ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ନରସିଂହ ଗାଦବା କହିଛନ୍ତି। ସୂଚନାଯୋଗ୍ୟ, ଗୋଲୁର ବିଦ୍ୟାଳୟ ଛାତ୍ରାବାସରେ ପୁଅକୁ ଛାଡ଼ି ଜୟ ଗ୍ରାମର ଅନ୍ୟ ଜଣେ ଛାତ୍ର ଦେବ ବୁରୁଡ଼ିଙ୍କୁ ସେହି ସ୍କୁଲରୁ ଧରି ଗ୍ରାମକୁ ଆସୁଥିଲେ। ତେବେ ନଦୀପାର ହେଉଥିବା ସମୟରେ ଦେବ ଡଙ୍ଗାରୁ ଖସିପଡ଼ିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ମାତ୍ର ଦେବଙ୍କୁ ବଞ୍ଚାଇବାକୁ ଯାଇ ଜୟ ନଦୀରେ ନିଖୋଜ ହୋଇଯାଇଥିଲେ।

# କୃଷି, କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜୟପୁରର ହର୍ଷିତାଙ୍କୁ ନିମନ୍ତ୍ରଣ

**ଜୟପୁର ,୧୧।୯( ପବନ ପାଣିଗ୍ରାହୀ)**



**ଜୈବିକ କୃଷି ଓ କୃଷକଙ୍କ ସୁରକ୍ଷା ଉପରେ ରଖିବେ ବକ୍ତବ୍ୟ**

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦିଲ୍ଲୀର ଆଇସିଏଆର୍ କନଭେନସନ୍ ସେଣ୍ଟରଠାରେ ଆସନ୍ତା ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ କୃଷକ ଅଧିକାର ଉପରେ ଗ୍ଲୋବାଲ୍ ସିମ୍ପୋଜିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାକୁ ଭରତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ରୂପେ ଉଦ୍‌ଘାଟନ କରିବେ। କୃଷି ବିଭାଗ, ଫାର୍ମସ କଲ୍ୟାଣ, କୃଷି ମନ୍ତ୍ରଣାଳୟ, ଜିଏସଏଫ୍ଆର୍-୨୦୨୩ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱର ୧୨୫ଟି ଦେଶର ପ୍ରତିନିଧି ଯୋଗ ଦେବେ। ଜୈବ ବିବିଧତା ଉପରେ କାର୍ଯ୍ୟ କରୁଥିବା ଜୟପୁର ସହରର ପ୍ରକାଶ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ହର୍ଷିତା ପ୍ରିୟଦର୍ଶନୀ ଏହି ଗ୍ଲୋବାଲ୍ ସିମ୍ପୋଜିମ୍‌ରେ ଯୋଗ ଦେବାକୁ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ନିମନ୍ତ୍ରିତ ହୋଇଛନ୍ତି। ଶନିବାର ସେ ତାଙ୍କ ବାପାଙ୍କ ସହ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। କୋରାପୁଟ ଜିଲା ବୈପାରିଗୁଡାର ହର ମହାନ୍ତିଙ୍କ ଝିଅ ହର୍ଷିତା ସେଠାରେ ୧୫୦ ପ୍ରକାରର ଧାନ ବିହନ ଏବଂ ୭୫ ପ୍ରକାରର ମାଣ୍ଡିଆ ବିହନର ପ୍ରଦର୍ଶନ କରିବେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଯୋଗ ଦେବେ। ଏହି ସମ୍ମିଳନୀରେ ହର୍ଷିତା ଜୈବିକ କୃଷି ଓ କୃଷକଙ୍କ ସୁରକ୍ଷା ଉପରେ ନିଜ ବକ୍ତବ୍ୟ ରଖିବେ।

### ବର୍ଷା ସାହିତ୍ୟ ସଂସଦର ଆସର

**ଦାମନଯୋଡ଼ି, ୧୧।୯(ରାଧାକାନ୍ତ ବ୍ରହ୍ମା)**

କୋରାପୁଟ ଜିଲାର ଅଗ୍ରଣୀ ସାହିତ୍ୟ ସଂସଦ ବର୍ଷା ପରିବାର ପକ୍ଷରୁ ସେକ୍ଟର-୩ସ୍ଥିତ ମାଉସୀମାଆ ମନ୍ଦିର ପରିସରରେ ବର୍ଷାଋତୁ ଉପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଡ. ପ୍ରଦୀପ ପାଟଜୋଷୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଆସରରେ ବିଜୟ ଜେନା, କୁଳମଣି ଦାସ, ବିଷ୍ଣୁପ୍ରସାଦ ରାଉତ, ଶାନ୍ତନୁ ସାମଲ, ଚନ୍ଦ୍ରକାନ୍ତ ରଥ, ଚିତ୍ତରଞ୍ଜନ ଆଚାର୍ଯ୍ୟ, ସରୋଜିନୀ ତ୍ରିପାଠୀ,ଶାନ୍ତବାଳା ରଥ, ପ୍ରବାସିନୀ ପାଣି, ଝରଣା ନାହାକ, ଶ୍ୱେତା ହୋତା, ବବିତା ପାଲ, ସ୍ୱାତୀ ଚାଟାର୍ଜୀ, ରାଜୀବ ନାୟକ, ଶ୍ରୀଧର ପାଲ, ଶ୍ରୀଧର ପରିଡ଼ା ପ୍ରମୁଖ ସ୍ୱରଚିତ କବିତାମାନ ପାଠ କରିଥିଲେ। କବି ନଳିନୀକାନ୍ତ ସେନାପତି କବିତାଗୁଡିକର ସମୀକ୍ଷାକରି ନିଜ ମତ ରଖିଥିଲେ। ଡ. ଅଶୋକ ମହାନ୍ତି ସଂଯୋଜନା କରିଥିଲେ। ସମ୍ପାଦକ ଶ୍ରୀଧର ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଶିବିରରେ ଶୁଣାଣି ହେଲା ୧୫ ଅଭିଯୋଗ



ଉପସ୍ଥିତ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

**କୋଟପାଡ଼,୧୧।୯(କେ. ରାଜଶେଖର ରାଓ)**

କୋରାପୁଟ ଜିଲ୍ଲା କୋଟପାଡ଼ ପଞ୍ଚଯାତ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଉପସ୍ଥିତ ନ ଥିବା ବେଳେ ଉପଜିଲ୍ଲାପାଳ ପ୍ରଭାତ ପରିଡା ଯୋଗ ଦେଇଥିଲେ। ଶିବିରରେ କୋଟପାଡ଼ ଅଞ୍ଚଳର ବିଭିନ୍ନ ଉନୟନମୂଳକ କାର୍ଯ୍ୟଗୁଡିକ ସମ୍ପର୍କରେ ଆଲୋଚନା ହୋଇଥିଲା। ସହରର ମୁଖ୍ୟ ରାସ୍ତା ପାର୍ଶ୍ୱ ଦେବାନମୁଣ୍ଡା ପୋଖରୀ ପୁନରୁଦ୍ଧାର କାର୍ଯ୍ୟ, ଏହାକୁ କେଉଁ ଏସଏଚ୍‌ଜି କରୁଛି, ଦମୟନ୍ତୀ ସାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇ ଏହାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଦମୟନ୍ତୀ ସାଗର କାର୍ଯ୍ୟ ସମ୍ପର୍କରେ ଉପ ଜିଲାପାଳ ପରିଡା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରାଙ୍କଠାରୁ ଜାଣିବାକୁ ଚାହିଁଥିଲେ। ଏହି ଅବସରରେ ବ୍ଲକର ସମସ୍ତ ସରପଞ୍ଚ ଏକାଠି ହେଇ କୋଟପାଡ଼ ଭାରତୀୟ ଷ୍ଟେଟବ୍ୟାଙ୍କରେ ପେନସେନ ନେବା ସକାଶେ ଗ୍ରାମାଞ୍ଚଳ ବୃଦ୍ଧାବୃଦ୍ଧଙ୍କୁ ଆନେକ ହଇରାଣ ହେବାକୁ ପଡୁଥିବା ଅଭିଯୋଗ କରିଥିଲେ। ଏ ଦିଗରେ ପଦକ୍ଷେପ ନେଇ କିଛି ବ୍ୟବସ୍ଥା କରିବାକୁ ସରପଞ୍ଚମାନେ ଅନୁରୋଧ କରିଥିଲେ। ଏଥିସହ ରାସ୍ତାଘାଟ, ଏକଲବ୍ୟ ସ୍କୁଲରେ ନିଯୁକ୍ତି, ଜମି ଜମା ମାପ, ଭତ୍ତା, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସହ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଭିଯୋଗର ଶୁଣାଣି ଶିବିରରେ ହୋଇଥିଲା। ମୋଟ ୧୫ଟି ଅଭିଯୋଗ ଆସିଥିଲା । ସିଡିଓ ଗୌରବ ଶିବାଜୀ ଇସଲୱାର ଏଏସପି ଶ୍ରୀକାନ୍ତ ବେହେରା, ବିଡିଓ ସ୍ନେହପ୍ରଭା ମାଝୀ, ଜିଲ୍ଲା ମଙ୍ଗଳ ଆଧିକାରୀ ସୁନୀଲ ତାଣ୍ଡି ସହକାରୀ ଯନ୍ତ୍ରୀ କ୍ଷୀରୋଦ ବେହେରା, କନିଷ୍ଠ ଯନ୍ତ୍ରୀ ବିଜୟ ନନ୍ଦ, ଓଏଲମ ବିପିଏମ୍‌ୟୁ ନମିତା ବାଘ, ଆକାଶ ଜେନା, ଯୋଗାଣ ବିଭାଗ ଅଧିକାରୀ ସନ୍ତୋଷ ବେହେରାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ସ୍କୁଲରେ ପ୍ରତିଷ୍ଠା କରିବେ ସୌରଶକ୍ତି, ପବନ ଶକ୍ତି ଉତ୍ପାଦନ କେନ୍ଦ୍ର

**କୋରାପୁଟ,୧୧।୯(ଅମିତାଭ ବେହେରା)**




- ପୂର୍ବତନ ଛାତ୍ରଙ୍କ ପ୍ରୟାସ
- ଉତ୍ପାଦନ ହେବ ୨ କିଲୋୱାଟ ବିଦ୍ୟୁତ୍ ଶକ୍ତି

ସୁନାବେଡ଼ା ଏରୋନଟିକ୍ସ ଡିଏଭି (ଏଡିଏଭି) ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ଶିବାନନ୍ଦ ବେହେରା ନିଜ ପ୍ରୟାସରେ ବିଦ୍ୟାଳୟ ପରିସରରେ ସୌରଶକ୍ତି ଓ ପବନ ଶକ୍ତି ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବେ। ଏଥିରୁ ୨ କିଲୋୱାଟର ଶକ୍ତି ଉତ୍ପାଦନ ହେବ। ଫଳରେ ବିଦ୍ୟାଳୟ ଆଲୋକିତ ହୋଇପାରିବ ବୋଲି ପ୍ରଧାନ ଶିକ୍ଷକ ପ୍ରଦୀପ ମିଶ୍ର ସୂଚନା ଦେଇଛନ୍ତି। ଶିବାନନ୍ଦ ଏହି ବିଦ୍ୟାଳୟରେ ୨୦୦୭ରେ ଶିକ୍ଷା ଗ୍ରହଣ କରି ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ଅନ୍ୟତ୍ର ଯାଇଥିଲେ। ସେହି ସମୟରୁ ସେ ନିଜ ବିଦ୍ୟାଳୟ ପାଇଁ କିଛି କରିବାକୁ ମନସ୍ଥ କରିଥିଲେ। ପାଠପଢ଼ା ଶେଷ ହେବା ପରେ ସେ ସୌର ଓ ପବନ ଶକ୍ତି ଉତ୍ପାଦନ କରୁଥିବା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଏକ କମ୍ପାନୀରେ ଯୋଗଦେଇଥିଲେ। ସଂଯୋଗବଶତଃ ସେହି କମ୍ପାନୀର ପ୍ରତିଷ୍ଠାତା ନୃସିଂହ ଚରଣ ବେହେରା ମଧ ସୁନାବେଡ଼ାରେ ପାଠ ପଢ଼ିଥିଲେ। ବିଶ୍ୱ ସ୍ତରରେ ଜଣେ ସଫଳ ଉଦ୍ୟୋଗୀ ଭାବେ ପରିଚିତ ନୃସିଂହ ନିଜ ବାଲ୍ୟାବସ୍ଥାର ଏବଂ ନିଜ ସହରର ଯୁବକ ଶିବାନନ୍ଦଙ୍କୁ ପାଇ ଖୁସି ହୋଇଥିଲେ। ତାଙ୍କ କାର୍ଯ୍ୟଦକ୍ଷତାରେ ପ୍ରଭାବିତ ହୋଇ ନୃସିଂହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଦାୟିତ୍ୱ ଶିବାନନ୍ଦଙ୍କୁ ଦେଇଥିଲେ। ଏକଦା ନୃସିଂହ ଶିବାନନ୍ଦଙ୍କ ଅଧୁରା ସ୍ୱପ୍ନ ସମ୍ପର୍କରେ ଜାଣି ତାଙ୍କୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶିବାନନ୍ଦ ନିଜ ବିଦ୍ୟାଳୟ ଏଡିଏଭି ସ୍କୁଲ ପାଇଁ କିଛି କରିବା ପାଇଁ ମନରେ ଥିବା ଇଚ୍ଛା ପ୍ରକାଶ କରିଥିଲେ। ଏଥିରେ ନୃସିଂହ ସହମତି ପ୍ରକାଶ କରିଥିଲେ। ଉଭୟେ ଏଡିଏଭି ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକ ପ୍ରଦୀପ ମିଶ୍ରଙ୍କୁ ଭେଟି ବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ଆଲୋଚନାକ୍ରମେ ଏକ ସୌରଶକ୍ତି ଓ ପବନ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ କରି ବିଦ୍ୟାଳୟର ବିଦ୍ୟୁତ୍ ଆବଶ୍ୟକତାକୁ ପୂରଣ ପାଇଁ ଶିବାନନ୍ଦ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କର ଏହି ପ୍ରସ୍ତାବକୁ ନୃସିଂହ ଏବଂ ପ୍ରଧାନ ଶିକ୍ଷକ ମିଶ୍ର ସମ୍ମତି ଦେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ବିଦ୍ୟାଳୟର ବିଦ୍ୟୁତ୍ ଶକ୍ତି ଆବଶ୍ୟକତା ପୂରଣ ହେବା ସହ ଛାତ୍ରଛାତ୍ରୀଙ୍କ ମଧରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ନିର୍ମାଣରେ ଏହା ସହାୟକ ହେବ। ୫ ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯାଉଥିବା ଏହି ସୌର ଓ ପବନ ଶକ୍ତି ଉତ୍ପାଦନ ପ୍ରକଳ୍ପରୁ ୨ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହେବ ବୋଲି ସେ କହିଛନ୍ତି। ଶିବାନନ୍ଦଙ୍କ ଏହି କାର୍ଯ୍ୟ ଆଗାମୀ ଦିନରେ ବିଦ୍ୟାଳୟ ପାଇଁ କିଛି କରିବାକୁ ଅନ୍ୟ ଛାତ୍ରୀଛାତ୍ରଙ୍କୁ ମଧ ପ୍ରେରଣା ଦେବ ବୋଲି ଶିକ୍ଷୟିତ୍ରୀ ସାଇଦା ପରବିନ କହିଛନ୍ତି।

### ଦକ୍ଷିଣ ଓଡିଶା ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଆସୋସିଏଶନ ପକ୍ଷରୁ ଦାବିପତ୍ର

**ଜୟପୁର, ୧୧।୯ (ପବନ ପାଣିଗ୍ରାହୀ)**

ଟାଟା ପାୱାର ଦକ୍ଷିଣାଞ୍ଚଳ ଓଡିଶା ବିତରଣ ଲିଃର ଉପ ସାଧାରଣ ପରିଚାଳକ ମନ୍ମଥ ନାଥ ମିଶ୍ରଙ୍କୁ ଦକ୍ଷିଣ ଓଡିଶା ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଆସୋସିଏଶନ ପକ୍ଷରୁ ସୋମବାର ଏକ ତିନି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ ରହିଛି, ସୌଭାଗ୍ୟ ଯୋଜନା ଅଧୀନରେ ଜୟପୁର ସର୍କଲର ବହୁଦିନ ହେବ ପଡି ରହିଥିବା ବକେୟା ବିଲ ପ୍ରଦାନ, ୧୧ ମିଟର ପିଏସସି ପୋଲ ବଦଳରେ ୯ ମିଟର ପିଏସସି ପୋଲ ଲଗାଇବା ଏବଂ ବାହାର ଠିକାଦାରଙ୍କୁ ଏଠାରେ କାର୍ଯ୍ୟ କରିବା ସୁଯୋଗ ନଦେବାକୁ ଦାବିପତ୍ରରେ କହାଯାଇଛି। ୭ ଦିନ ଭିତରେ ଦାବି ପୂରଣ ନ ହେଲେ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କଣ୍ଟ୍ରାକ୍ଟର ପ୍ରତାପ ଚନ୍ଦ୍ର ସାହୁ କହିଛନ୍ତି। ଏହି ଦାବିପତ୍ରର ନକଲ କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲାପାଳଙ୍କ ସହ କୋରାପୁଟ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

# ଉଦୟନିଧିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି


ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତାମାନେ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

**ଜୟପୁର, ୧୧।୯ (ପବନ ପାଣିଗ୍ରାହୀ)**

ବିଶ୍ୱହିନ୍ଦୁ ପରିଷଦ ଜୟପୁର ଶାଖା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରଭାତ ପରିଡାଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ ରହିଛି ଯେ, ତାମିଲନାଡୁ ମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଏକ ସଭାରେ ହିନ୍ଦୁଧର୍ମକୁ ସମାପ୍ତ କରିଦେବା ସହିତ ଏହି ମହାନ ସନାତନ ଧର୍ମକୁ ଡେଙ୍ଗୁ ଓ ମ୍ୟାଲେରିଆ ସହିତ ତୁଳନା କରି ସେ ଉଜ୍ଜ୍ୱଳ ହିନ୍ଦୁ ପରମ୍ପରାକୁ ଅପମାନିତ କରିଛନ୍ତି। ସେ କୋଟି କୋଟି ସନାତନ ହିନ୍ଦୁ ଧର୍ମ ଓ ସଂସ୍କୃତିର ଆସ୍ଥା ଓ ବିଶ୍ୱାସକୁ କୁଠାରଘାତ କରିଛନ୍ତି । ଗୋଟିଏ ରାଜ୍ୟର ମନ୍ତ୍ରୀ ଭାବରେ ସେ ଦେଇଥିବା ବକ୍ତବ୍ୟ ଧର୍ମନିରପେକ୍ଷ ରାଷ୍ଟ୍ର ପ୍ରତି ଅସମ୍ବିଧାନିକ ଅଟେ । ଏହା ସମ୍ବିଧାନର ଧାରା ୨୫ ଓ ଧାରା ୨୬ର ସ୍ପଷ୍ଟ ଉଲଂଘନ କରୁଛି । ତେଣୁ ରାଜ୍ୟପାଳ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ତାମିଲନାଡୁ ସରକାରଙ୍କ ମନ୍ତ୍ରୀ ଷ୍ଟାଲିନଙ୍କ ଏହି ଉଦବୋଧନ ବିଷୟରେ ଅବଗତ କରାଇ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ତେଜେଶ୍ୱର ପଣ୍ଡା, ନବକୃଷ୍ଣ ରଥ, ଜଗନ୍ନାଥ ମିଶ୍ର, ବାବୁ ଭାଇ ବଜରଙ୍ଗି, ନିରଞ୍ଜନ ପାଣିଗ୍ରାହୀ, ଶଶୀ ଭୂଷଣ ଦାସ, ଗଙ୍ଗାଧର ନାୟକ, ପି.ରମେଶ ପାତ୍ର, ସାଧୁ ଦାସ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

**ଜୟପୁର, ୧୧।୯ (ପବନ ପାଣିଗ୍ରାହୀ)**


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀମାନେ।

ଜୟପୁର ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ସାଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଛି । ବ୍ଲକ କଳା ଓ ସଂସ୍କୃତି ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରରେ ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ. ନିଶା, ସିଡିପିଓ ସୁଚିତା ପଣ୍ଡା ଉପସ୍ଥିତ ଥିଲେ। ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ବିଭିନ୍ନ ଯୋଜନା ଲୋକଙ୍କ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନଧାରାକୁ ପ୍ରଭାବିତ କରୁଥିବା ଏବଂ ଲୋକେ ଉପକୃତ ହେଉଥିବା କାର୍ଯ୍ୟକ୍ରମଗୁଡିକୁ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ମାଧମରେ ଲୋକଙ୍କ ନିକଟରେ ପହଞ୍ଚାଇବା ଏହି ଶିବିରର ଉଦ୍ଦେଶ୍ୟ। ପାରମ୍ପରିକ ଲୋକନୃତ୍ୟ ଜୟପୁର ବ୍ଲକର ୨୨ଟି ପଞ୍ଚାୟତରେ ଥିବା ସମସ୍ତ ଗ୍ରାମରେ ସେପ୍ଟେମ୍ବର ୧୫ରୁ ୩୦ ତାରିଖ ଯାଏ ଲୋକମାନଙ୍କୁ ଗୀତ ମାଧମରେ ରାଜ୍ୟ ସରକାରଙ୍କ ଯୋଜନା ଉପରେ ସଚେତନତା ସୃଷ୍ଟି କରାଯିବ। ଏହି ଶିବିର ୨ ଦିନ ଧରି ଚାଲିବ । ଜିଲା ପରିଷଦ ସଭ୍ୟା ଆସ୍ତା ନାୟକ, ରଶ୍ମି ରଥ, ତପତି ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ବିଇଓ ଚନ୍ଦନ ନାୟକ, ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ସନ୍ଧ୍ୟାରାଣୀ ପାଣିଗ୍ରାହୀଙ୍କ ସହ ସରପଞ୍ଚ, ସମିତିସଭ୍ୟା, ପିଇଓମାନେ ଉପସ୍ଥିତ ଥିଲେ।

# ୧୪ ଦିନ ପରେ ଆନ୍ଦୋଳନରୁ ଓହରିଲେ ଯୋଗାଣ ସହାୟକ

**କୁନ୍ଦୁରା,୧୧।୯ (ସନ୍ତୋଷ ପ୍ରହରାଜ)**

ଦୀର୍ଘ ୧୪ ଦିନ ସାମୂହିକ ଛୁଟିରେ ରହି ନିଜର ବିଭିନ୍ନ ଦାବିପୂରଣ ନେଇ ଯୋଗାଣ ସହାୟକମାନେ ଚଳାଇଥିବା ଆନ୍ଦୋଳନ ସୋମବାର ପ୍ରତ୍ୟାହୃତ ହୋଇଛି। ସେମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ରାଜ୍ୟରେ ୪୩୦୦ ଯୋଗାଣ ସହାୟକ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ବିଭିନ୍ନ ଦାବି ନେଇ ୧୪ ଦିନ ହେଲା ସେମାନେ ଆନ୍ଦୋଳନ ଚଳାଇଥିଲେ। ଫଳରେ ଖାଉଟି ସାମଗ୍ରୀ ମିଳିବାରେ ସମସ୍ୟା ସୃଷ୍ଟି ହୋଇଥିଲା। କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନରେ କାର୍ଯ୍ୟରତ ୧୬ ଜଣ ଯୋଗାଣ ସହାୟକ ହିତାଧିକାରୀ କିଭଳି ଖାଉଟି ସାମଗ୍ରୀ ପାଇବେ ସେନେଇ ମାନବିକତା ଦୃଷ୍ଟିରୁ ଆନ୍ଦୋଳନରୁ କିଛିଦିନ ପାଇଁ ଓହରିଯାଇଛନ୍ତି। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ, ଜିଲାପାଳ, ବିଡିଓ ଏବଂ ଯୋଗାଣ ନିରୀକ୍ଷକଙ୍କୁ ସେମାନଙ୍କ କାର୍ଯ୍ୟରେ ଯୋଗଦାନ ପତ୍ର ପ୍ରଦାନ କରିଛନ୍ତି। ସରକାର ସେମାନଙ୍କ ଦାବିକୁ ଗ୍ରହଣ କରି ନିର୍ବାଚନ ପୂର୍ବରୁ ସେମାନଙ୍କ ଦାବି ପୂରଣ କରିବା ନେଇ ସେମାନେ ଆଶା ରଖିଛନ୍ତି ବୋଲି ଜିଲା ସଭାପତି ବି.ସନ୍ତୋଷ କୁମାର ଏବଂ ସମ୍ପାଦକ ପ୍ରଶାନ୍ତ ପଣ୍ଡା କହିଛନ୍ତି। ୨୦୧୨ରୁ ଯୋଗାଣ ସହାୟକ ପଦବୀରେ ନିରବଚ୍ଛିନ୍ନ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ ମଧ ସରକାର ଯୋଗାଣ ସହାୟକମାନଙ୍କ ବିଭିନ୍ନ ଦାବି ପୂରଣରେ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ନିଖିଳ ଓଡ଼ିଶା ଯୋଗାଣ ସହାୟକ ସଂଘ ଡାକରାରେ ୨୮।୮।୨୩ରୁ ୧୪ ଦିନ ଛୁଟିରେ ରହି ସେମାନେ ଆନ୍ଦୋଳନ ଚଳାଇଥିଲେ। ୧୨ ବର୍ଷ ଧରି ସେମାନେ କାର୍ଯ୍ୟ କରୁଥିଲେ ମଧ ସେମାନଙ୍କୁ ନିୟମିତ କରାଯାଉନାହିଁ। ସେମାନେ କେଉଁ ବିଭାଗରେ ରହିବେ ତାହା ସ୍ପଷ୍ଟ କରାଯାଉନାହିଁ। ସେମାନଙ୍କ ବେତନ ମଧ ବୃଦ୍ଧି କରାଯାଉ ନ ଥିବାରୁ ସ୍ୱଳ୍ପ ବେତନରେ ଚଳିବା କଷ୍ଟକର ହୋଇପଡୁଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।


ଯୋଗାଣ ସହାୟକମାନେ ବିଡିଓଙ୍କୁ କାର୍ଯ୍ୟରେ ଯୋଗଦାନ ସମ୍ପର୍କିତ ପତ୍ର ଦେଉଛନ୍ତି।

# ଅଚଳ ହୋଇ ପଡ଼ିଛି ୨ ସହରର ୩୪ ସିସି କ୍ୟାମେରା

**ସୁନାବେଡ଼ା/ ସେମିଲିଗୁଡ଼ା ୧୧।୯**
**(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**


ଅଚଳ ସିସି କ୍ୟାମେରା।

- ସଜାଡ଼ିବାକୁ ଗୁରୁତ୍ୱ ଦେଉନି ପୌର ପରିଷଦ
- ଅପରାଧୀଙ୍କୁ ସୁହାଉଛି, ପୋଲିସର ମୁଣ୍ଡବ୍ୟଥା
- କାଉନସିଲ ବୈଠକ ପରେ ମରାମତି ବ୍ୟବସ୍ଥା ହେବ: ନିର୍ବାହୀ ଅଧିକାରୀ

ସୁନାବେଡ଼ା ଓ ସେମିଲିଗୁଡ଼ା ହେଉଛି ବ୍ୟବସାୟିକ ସହର। ସୁନାବେଡ଼ାରେ ହାଲ୍ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ଦିନକୁ ଦିନ ଜନସଂଖ୍ୟା ମଧ ବଢୁଛି। ବିଭିନ୍ନ କାର୍ଯ୍ୟରେ ଦୁଇ ସହରକୁ ବାହାର ଅଞ୍ଚଳରୁ ଲୋକମାନେ ଯାତାୟାତ କରିଥାନ୍ତି। ଏପରି ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳରେ ଦୀର୍ଘଦିନ ହେବ ସିସି କ୍ୟାମେରା ଅଚଳ ହୋଇ ପଡିଛି। ଏଥିରୁ ଲୁଟେରାମାନେ ବେଶ୍ ଫାଇଦା ଉଠାଉଛନ୍ତି। ଯେକୌଣସି ଅପରାଧ ଘଟିଲେ ଅପରାଧୀଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। ସୁନାବେଡ଼ା ପୌର ପରିଷଦ ପକ୍ଷରୁ ତତ୍କାଳୀନ ପୌରାଧକ୍ଷା ଶୁଭଶ୍ରୀ ମଲ୍ଲିକଙ୍କ ଦ୍ୱାରା ୨୦୧୯ରେ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଉଭୟ ସହରର ମୁଖ୍ୟ ରାସ୍ତା ତଥା ଓ ଛକଗୁଡ଼ିକରେ ୩୪ ସିସି କ୍ୟାମେରା ଲଗାଯାଇଥିଲା। ସେଥିରୁ ସୁନାବେଡ଼ା ଥାନା ଅଧୀନରେ ୨୬ଟି ଓ ସେମିଲିଗୁଡ଼ା ଥାନା ଅଧୀନରେ ୮ଟି ସିସି କ୍ୟାମେରା ଲାଗିଥିଲା। ଏବେ ସେମିଲିଗୁଡ଼ା ଓ ସୁନାବେଡ଼ା ଅଞ୍ଚଳର ସବୁ ସିସି କ୍ୟାମେରା ଅଚଳ ହୋଇ ପଡିଛି। ପ୍ରତ୍ୟହ ଏହି ଦୁଇ ସହରରେ ଚୋରି, ଛିନ୍‌ତାଇ ଓ ରାହାଜାନି ବଢ଼ିଚାଲିଛି। ଏହା ସ୍ଥାନୀୟ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ସେ କହିଲେ, ଦୁଇ ସହରର ସିସି କ୍ୟାମେରା ଅଚଳ ବିଷୟରେ ଅବଗତ ଅଛି। ଏଗୁଡିକର ମରାମତି ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ। ଏହାକୁ କାଉନସିଲ ବୈଠକରେ ପାରିତ କରାଯାଇ ବଜେଟ ଦେଖି ମରାମତି ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ସ୍କୁଲ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

- ବିଦ୍ୟାଳୟରେ ଭିତ୍ତିଭୂମି ଅଭାବ
- ୨ କକ୍ଷରେ ପଢୁଛନ୍ତି ୫ ଶ୍ରେଣୀର ପିଲା
- ପ୍ରଶାସନ, ଲୋକ ପ୍ରତିନିଧି ସମସ୍ୟା ଶୁଣୁ ନ ଥିବା ଅଭିଯୋଗ

କୋଷାଗୁମୁଡ଼ା,୧୧।୯(ପ୍ରସାଦ ବିଷୋୟୀ)



ସ୍କୁଲ ଫାଟକରେ ତାଲା ପକାଇଥିବା ଅଭିଭାବକ ଓ ଗ୍ରାମବାସୀ।

ସ୍କୁଲରେ ଭିତ୍ତିଭୂମି ଅଭାବ, ଅବ୍ୟବସ୍ଥାକୁ ନେଇ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଟାଗାଁ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଗ୍ରାମବାସୀ ତାଲା ପକାଇଛନ୍ତି। ସ୍କୁଲରେ ପାଚେରି, ଆବଶ୍ୟକତା ଅନୁଯାୟୀ ଶ୍ରେଣୀଗୃହ ନାହିଁ। ଏ ନେଇ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କେହି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ଗ୍ରାମବାସୀ କହିଛନ୍ତି।

କୋଟାଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୨୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ୧୨୫ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟରେ କେବଳ ୨ଟି ଶ୍ରେଣୀଗୃହ ରହିଛି। ଗୋଟିଏ ଶ୍ରେଣୀଗୃହର ଆଜବେଷ୍ଟସ୍ ଛାତ ସମ୍ପୂର୍ଣ୍ଣ ନଷ୍ଟହେବାକୁ ବସିଲାଣି। ଅନ୍ୟପଟେ ସ୍କୁଲକୁ ଲାଗି ମୁଖ୍ୟରାସ୍ତା ରହିଥିବାବେଳେ ପାଚେରି ଓ ଫାଟକ ନଥିବାରୁ ପ୍ରାୟ ଛାତ୍ରୀଛାତ୍ର ଯାତାୟାତ ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଭାବକମାନେ ଅଭିଯୋଗକରି ତାଲା ପକାଇଛନ୍ତି। ଅପରାହ୍ନରେ ସିଆର୍‌ସିସି ସନାଧର ଭତରା ଧାରଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ତଥାପି ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସ୍କୁଲର ସମସ୍ୟା ସମାଧାନ ନ ହେବା ଯାଏ ଶ୍ରେଣୀଗୃହରୁ ତାଲା ଖୋଲିବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏନେଇ ବିଇଓ ସୁବାସ ଚନ୍ଦ୍ର ରାୟଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଖବର ନାହିଁ ବୋଲି କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣବେଳେ ମହିଳା ଗିରଫ

ଡାବୁଗାଁ, ୧୧।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଅବକାରୀ ବିଭାଗ ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ମହିଳାଙ୍କୁ ସୋମବାର ଗିରଫ କରିଛି। ସେ ହେଲେ କୋଷାଗୁମୁଡ଼ା ବ୍ଲକ ଅଧୀନ ସାନଗୁମୁଡ଼ା ଗ୍ରାମର ନୀଳା ବିଷୋୟୀ (୩୯)। ସୋମବାର ଅପରାହ୍ନରେ ନୀଳାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଡାବୁଗାଁ ଅବକାରୀ କାର୍ଯ୍ୟାଳୟ କେସ୍ ନଂ ୧୦୫/୨୦୨୩-୨୪ରେ ଏକ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ତତ୍ତ୍ୱାବଧାନରେ ଡାବୁଗାଁ ଅବକାରୀ ବିଭାଗ ଡାବୁଗାଁ ବ୍ଲକର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରୁଥିଲେ। ସକାଳ ୯.୩୦ରେ ଫୁଲଭଟ୍ଟା ଗ୍ରାମ ନିକଟ ରାସ୍ତାରେ ନୀଳା ଏକ ବ୍ୟାଗ୍ ଧରିଯାଉଥିଲେ। ସେ ଅବକାରୀ କର୍ମଚାରୀଙ୍କୁ ଦେଖି ଦୌଡି ପଳାଇବାକୁ ଚେଷ୍ଟା କରୁଥିବାବେଳେ କର୍ମଚାରୀମାନେ ପଛରେ ଯାଇ ତାଙ୍କୁ କାବୁ କରିଥିଲେ। ଉକ୍ତ ବ୍ୟାଗ୍ ଯାଞ୍ଚ ବେଳେ ସେଥିରୁ ଗଞ୍ଜେଇ ମିଳିଥିଲା। ଉକ୍ତ ବ୍ୟାଗରୁ ୫.୫୦୦ କିଲୋର ଗଞ୍ଜେଇ ମିଳିଛି। ଏହି ଚଢ଼ାଉରେ ଡାବୁଗାଁ ଅବକାରୀ ୟୁପିଏ ନିରୀକ୍ଷକ ବୁଲୁ ପାତ୍ର, ସହ ଉପନିରୀକ୍ଷକ ଏସ୍.କେ. ପଣ୍ଡା, କର୍ମଚାରୀ ନାରାୟଣ ମୁଦୁଲି, ଶ୍ରୀକାନ୍ତ ବିଷୋୟୀ ଓ ସୁରେଖା ଭତ୍ରା ପ୍ରମୁଖ ସାମିଲ ଥିଲେ।

### ଉତ୍କଳ ସମ୍ମିଳନୀ ଜିଲା ସଙ୍ଗଠନର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

ନବରଙ୍ଗପୁର, ୧୧।୯
(ସଦାଶିବ ପ୍ରହରାଜ)

ଉତ୍କଳ ସମ୍ମିଳନୀ ପକ୍ଷରୁ ଆସନ୍ତା ୨୫ରେ ହେବାକୁଥିବା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ତଥା ନବରଙ୍ଗପୁର ଜିଲା ସଂଗଠନର ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ କରାଯାଇଛି। ସ୍ଥାନୀୟ ଗୁରୁକୃପା ମହାବିଦ୍ୟାଳୟରେ ସଭାପତି ତଥା ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କ ପରାମର୍ଶ କ୍ରମେ ଆୟୋଜିତ ବୈଠକରେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା, ଗୁରୁକୃପା ଏଜୁକେସନାଲ୍ ଟ୍ରଷ୍ଟ ନିର୍ଦ୍ଦେଶକ ମନୋଜ ପାଢୀ, ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର, ଉତ୍କଳ ସମ୍ମିଳନୀ ନବରଙ୍ଗପୁର ଜିଲା ଉପସଭାପତି ଅଶୋକ ପଟ୍ଟନାୟକ ଯୋଗ ଦେଇଥିଲେ। ଆଞ୍ଚଳିକତା ସୁରକ୍ଷାକୁ ନେଇ ବିଭିନ୍ନ ସମୟରେ ସମସ୍ୟା ତଥା ସୀମାବର୍ତ୍ତୀ



ଅଞ୍ଚଳର ବିକାଶକୁ ନେଇ ଜିଲା ସଭାପତି ମତ ରଖିଥିଲେ। ସମ୍ମିଳନୀ ସହ ସମ୍ପାଦିକା ଅଧ୍ୟାପିକା ଡଃ ସଂଯୁକ୍ତା ପଣ୍ଡା, ନବରଙ୍ଗପୁର ବ୍ଲକ ସଭାନେତ୍ରୀ ସାହିତ୍ୟିକା ସ୍ୱର୍ଣ୍ଣଲତା ପଟ୍ଟନାୟକ, ପ୍ରଭଞ୍ଜନ ତ୍ରିପାଠୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ଗୁରୁଦାସୀ ମଣ୍ଡଳ, ରାଇଘର ବ୍ଲକ ସଭାନେତ୍ରୀ ସ୍ୱାଗତିକା ବାହିନୀପତି, ଉମରକୋଟ ବ୍ଲକ ସଭାନେତ୍ରୀ ଚନ୍ଦନା ମଲ୍ଲିକ, ଚନ୍ଦାହାଣ୍ଡି ବ୍ଲକ ସଭାପତି ସନ୍ତୋଷ ଖମାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ। ଗୁରୁକୃପା ଏଜୁକେସନାଲ୍ ଟ୍ରଷ୍ଟ ସଦସ୍ୟମାନେ ସହଯୋଗ କରିଥିଲେ। ଉତ୍କଳ ସମ୍ମିଳନୀ ଜିଲା ସମ୍ପାଦକ ଦୁର୍ଗା ପ୍ରସାଦ ପାଢୀ କାର୍ଯ୍ୟକ୍ରମ ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଜିଲା ବିଭିନ୍ନ ବ୍ଲକ ସଂଗଠକ ଏବଂ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଯୋଗ ଦେଇଥିଲେ।

# କୋଷାଗୁମୁଡ଼ାରୁ ଭୁବନେଶ୍ୱର, ବିଶାଖାପାଟଣା ବସ୍ ଚଳାଚଳ ଦାବି

କୋଷାଗୁମୁଡ଼ା, ୧୧।୯(ପ୍ରସାଦ ବିଷୋୟୀ)

**ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ମିନି ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଲୋକେ ଆସି ଆପତ୍ତି ଅଭିଯୋଗ ଜଣାଇଥିଲେ। ଏଥିରେ ମୋଟ ୩୭ ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୧୯ ବ୍ୟକ୍ତିଗତ ଓ ୧୮ ଗୋଷ୍ଠୀଗତ ଅଭିଯୋଗ ରହିଥିଲା। କୋଷାଗୁମୁଡ଼ାରୁ ଭୁବନେଶ୍ୱର, ବିଶାଖାପାଟଣା ବସ୍ ଚଳାଚଳ, ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧିକ ରୋଗୀଙ୍କ ପାଇଁ ବେଡ୍ ବ୍ୟବସ୍ଥା, ରାସ୍ତା ନିର୍ମାଣ କରିବାକୁ ଅଧିକାରୀମାନଙ୍କୁ ଲୋକେ ଜଣାଇଥିଲେ। ସମସ୍ତ ଅଭିଯୋଗ ଶୁଣାଣି କରି ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର, ୨୨ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ଶିବିରରେ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।



ଅଧିକାରୀମାନେ ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରୁଛନ୍ତି।

# ଗୋଚର ଜମି ଘରବାଡି କିସମ ପରିବର୍ତ୍ତନ ଅଭିଯୋଗ

ନବରଙ୍ଗପୁର,୧୧।୯(ସଦାଶିବ ପ୍ରହରାଜ)

ଗୋଚର ଜମି ବ୍ୟକ୍ତିଗତ ଘରବାଡି ଭାବେ କିଷମ ପରିବର୍ତ୍ତନ ହୋଇପାରିବ ନାହିଁ । ଏହା ରାଜସ୍ୱ ଆଇନ ଖିଲାପ ହେଉଛି। ଏନେଇ ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତଭାବେ ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଜିଲା କୋଡିଙ୍ଗା ତହସିଲ ଅଧୀନ କୋଷାଗୁମୁଡ଼ା ମୌଜାର ସରକାରୀ ଗୋଚର ଜମି ଖାତା ନମ୍ବର ୬୩୩, ପ୍ଲଟ ନଂ- ୬୫୭, ମୋଟ ରକବା ୦.୭୯ ଡିସିମିଲ ଜମିକୁ କିଷମ ପରିବର୍ତ୍ତନ କରାଯାଇଛି। ଓଡିଶା ରାଜ୍ୟ ସରକାରଙ୍କ କେଉଁ ଜମି ଅଧିଗ୍ରହଣ ଆଇନ ବଳରେ କୋଷାଗୁମୁଡାର ଆର୍. ରାଜେନ୍ଦ୍ର ପ୍ରସାଦ ରାଓଙ୍କ ନାମରେ ବ୍ରହ୍ମପୁର ଯୁଗ୍ମ କମିଶନର ଏସ୍‌ଆରପି କେସ ନମ୍ବର ୮୬୭/୨୦୦୫, ଜିଲାପାଳଙ୍କ ନିର୍ଦ୍ଦେଶ ନାମା ୨୦୨୧ ଫେବୃଆରୀ ୨୪ ତାରିଖ ଓ କୋଡ଼ିଙ୍ଗା ତହସିଲରେ ୨୦୨୧ ମାର୍ଚ୍ଚ ୨୩ ତାରିଖ ମିଶକେଶ ନମ୍ବର ୦୧/୨୦୧୮ ଅନୁଯାଇ ଗୋଚର ଜମିରୁ ଘରବାରି କିସମ ଜମିରେ ପରିବର୍ତନ କରାଯାଇଛି। ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ଚନ୍ଦ୍ରଧ୍ୱଜ କହିଛନ୍ତି। ଏହା ସମ୍ବିଧାନ ବିରୋଧ ଅଟେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ବିଷୟକୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଗମ୍ଭୀରତାର ସହ ବିଚାର କରିବାକୁ ସେ ଅନୁରୋଧ କରିଛନ୍ତି। ସମାଧାନ ନ ହେଲେ ଘଟଣାକୁ ନେଇ ପରିଷଦ ଆଇନର ଆଶ୍ରୟ ନେବେ ବୋଲି ସେ କହିଛନ୍ତି।

# କମ୍ପାନୀ ବନ୍ଦ ପରେ ୬ କର୍ମଚାରୀଙ୍କ ବଦଳି

ନବରଙ୍ଗପୁର,୧୧।୯(ସଦାଶିବ ପ୍ରହରାଜ)

**ମଙ୍ଗଲମ ଟିମ୍ବର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ**

ମଙ୍ଗଲମ ଟିମ୍ବର କର୍ତ୍ତୃପକ୍ଷ ଅଗଷ୍ଟ ୮ରେ ନୋଟିସ୍ ମାରି ଗତ ୯ ତାରିଖରୁ କାରାଖାନା ବନ୍ଦ କରିଦେଇଛନ୍ତି। ପୁଣି ସେପ୍ଟେମ୍ବର ୮ତାରିଖରେ ୬ଜଣ କର୍ମଚାରୀଙ୍କୁ କଟା ଆଦିତ୍ୟ ନଗର ସିମେଣ୍ଟ କମ୍ପାନୀକୁ ବଦଳି କରାଯାଇଛି। ଟିବୁ ନାୟକ, ନୀଳକଣ୍ଠ ପାଢି, ସମୀର ପଟ୍ଟନାୟକ, ରମନ ପଟ୍ଟନାୟକ, ବିଜୟ ବେହେରା ଓ ସଞ୍ଜୟ କୁମାର ପଥାଲଙ୍କୁ କରାଯାଇଥିବା ଏଚ୍‌ଆର ମୁଖ୍ୟ ନବ ପଟ୍ଟନାୟକ ସୂଚନା ଦେଇଛନ୍ତି। ବଦଳି ନିର୍ଦ୍ଦେଶ ସହ ରାୟଗଡ଼ାରୁ ଟ୍ରେନ ଟିକେଟ ମଧ୍ୟ କର୍ମଚାରୀଙ୍କୁ ଦିଆଯାଇଛି।

ମଙ୍ଗଲମ୍ ଟିମ୍ବରସ୍ କାରାଖାନାରେ ୱାର୍କମେନ୍ ୧୦୪, ଶ୍ରମିକ ୨୧୦ ଓ ପରିଚାଳନାରେ ୫୪ ଜଣ କାର୍ଯ୍ୟରତ ଅଛନ୍ତି। ଚଳିତ ମାସ ୫ ତାରିଖରେ ମଙ୍ଗଲମ୍ ଟିମ୍ବରସ୍ ଏମ୍ପ୍ଲଇଜ୍ ୟୁନିୟନ ଜିଲାପାଳଙ୍କୁ କାରାଖାନାର ସମସ୍ୟା ନେଇ ଏକ ଲିଖିତ ଅଭିଯୋଗ କରିଥିଲା। ଶ୍ରମିକମାନେ ୨୫ ରୁ ୩୦ ବର୍ଷ ହେବ କମ୍ ପାରିଶ୍ରମିକରେ କାମ କରୁଛନ୍ତି। ଶ୍ରମିକଙ୍କ ସୁରକ୍ଷା ପାଇଁ ଡାକ୍ତରଖାନା, ହେଲମେଟ୍, ଡ୍ରେସ୍ କୋଡ, ଇଏସ୍‌ଆଇ ନ ଥିବାବେଳେ ମାସିକ ଦରମା ବି ଠିକ ସମୟରେ ମିଳିପାରୁ ନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। କାରାଖାନାରେ ୱାର୍କମେନ୍ ଭାବେ କାର୍ଯ୍ୟରତ ଶ୍ରମିକଙ୍କ ପ୍ରତି ୩ ବର୍ଷକୁ ଥରେ ଚୁକ୍ତି ନବିକରଣ କରାଯାଇ ଦରମା ମିଳୁଥିଲା। ଶେଷ ଥର ପାଇଁ ଚୁକ୍ତି ନବିକରଣ ୨୦୧୨ରେ ହୋଇଥିଲା। ୨୦୧୫ରୁ ୨୦୨୩ ମଧ୍ୟରେ ଆଉ ନବୀକରଣ କରାଯାଇ ନାହିଁ। ଫଳରେ ଶ୍ରମିକଙ୍କ ପ୍ରାପ୍ୟ ବଢ଼ିପାରୁ ନାହିଁ।

ଏ ନେଇ ଶ୍ରମିକ ସଂଗଠନ ସାଧାରଣ ସମ୍ପାଦକ ନିଳକଣ୍ଠ ପାଢ଼ି କହିଛନ୍ତି କାରଖାନା କର୍ତ୍ତୃପକ୍ଷ ଅଗଷ୍ଟ ୮ ତାରିଖରୁ ନୋଟିସ୍ ମାରି କାରାଖାନା ବନ୍ଦ କରି ଦେଇଛନ୍ତି। ୯ ତାରିଖରେ ବୈଠକ କରିବା ପାଇଁ କୁହାଯାଇଥିଲେ ମଧ୍ୟ କାରାଖାନାର ୟୁନିଟ ହେଡ୍ ଆସିଲେ ନାହିଁ। ଏ ମଧ୍ୟରେ କାରାଖାନା ଚଳାଇ ଆସୁଥିବା ଶ୍ରମିକମାନେ ଅବସର ଗ୍ରହଣ କରିଥିଲେ ମଧ୍ୟ ନୂତନ ନିଯୁକ୍ତି ଦିଆ ନ ଯାଇ ଓଭର ଟାଇମ କାମ କରିବା ପାଇଁ କୁହାଯାଉଛି। ୨୦୧୭ ରେ କାରାଖାନା ମାସେରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ଥିଲା। କାରାଖାନା ଚଳାଇବା ପାଇଁ ଶ୍ରମିକମାନେ ସ୍ୱଳ୍ପ ଦରମାରେ ବି ୧୫ ପ୍ରତିଶତ ଦରମା ଦାନ କରିଥିଲେ। ଜୁଲାଇ ମାସର ଦରମା ଦିଆଯାଇ ନାହିଁ। ଶ୍ରମିକଙ୍କ ସମସ୍ୟା ସମାଧାନ ନେଇ ଶ୍ରମ ବିଭାଗ ଦ୍ୱାରସ୍ଥ ହେଲେ ମଧ୍ୟ ବୈଠକ ବସିପାରୁ ନାହିଁକି ସମାଧାନ ହୋଇପାରୁ ନାହିଁ ବୋଲି ସେ କହିଛନ୍ତି। ୧୯୮୫ରେ ଆରମ୍ଭ ହୋଇଥିବା ଜିଲାର ଏକମାତ୍ର ଶିଳ୍ପାନୁଷ୍ଠାନରେ ହଜାର ହଜାର ଶ୍ରମିକ କାମ କରୁଥିଲେ। ଏବେ ଏହା ୪ଶହ ମଧ୍ୟରେ ସୀମିତ ରହିଛି। ଏହି ଘଟଣାକୁ ନେଇ ମଙ୍ଗଲମ ଟିମ୍ବର ଏଚ୍‌ଆର ମୁଖ୍ୟ ନବ ପଟ୍ଟନାୟକଙ୍କୁ ପଚାରିବାରୁ ମଙ୍ଗଲମ ସିମେଣ୍ଟ ସହ ଏହି କମ୍ପାନୀ ମର୍ଜ ହୋଇଛି। ନିଯୁକ୍ତି ନିୟମାନୁଯାୟୀ ଏହି ବଦଳି ନିର୍ଦ୍ଦେଶ ସେଠାରୁ ଆସିଛି। ସେଠାରେ ଜଏନ ନ କଲେ କମ୍ପାନୀ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇପାରିବେ ବୋଲି କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ଡାବୁଗାଁ,୧୧।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ଗ୍ରାମ ଛକ ନିକଟରେ ସୋମବାର ଅପରାହ୍ନରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକ ଆହତ ହୋଇଛନ୍ତି । ସେ ହେଲେ କୋଷାଗୁମୁଡ଼ା ବ୍ଲକ ଅଧୀନ ଜୁନାପାଣି ଗ୍ରାମର ଡମ୍ବରୁ ଗୌଡ଼ (୨୭)। ସୂଚନାନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ୧ଟାରେ ଡମ୍ବରୁ ଛେଲିବେଢ଼ା ଗ୍ରାମରୁ ବାଇକ୍ (ଓଡି-୨୪ଇ-୨୧୬୭)ରେ ନିଜ ଗ୍ରାମକୁ ଯାଉଥିବାବେଳେ ବୋରିଗାଁ ଗ୍ରାମ ଛକ ନିକଟ ଏକ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ିଯାଇଥିଲେ। ଏଥିରେ ତାଙ୍କ ମୁହଁ ଓ ବିଭିନ୍ନ ଗଭୀର ଆଘାତ ଲାଗିଛି। ଖବରପାଇ ଡାବୁଗାଁ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଡାବୁଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ଓଡ଼ିଶା ଜୁନିୟର ଫୁଟ୍‌ବଲ ଟିମ୍‌ରେ ନବରଙ୍ଗପୁରର ଦିଶା

ଉମରକୋଟ, ୧୧।୯
(ସନ୍ତୋଷ ଶତପଥୀ)



**ଜାତୀୟସ୍ତରୀୟ ବାଳିକା ସବ୍ ଜୁନିୟର ଫୁଟ୍‌ବଲ ଖେଳିବା ପାଇଁ ମନୋନୀତ**

ନବରଙ୍ଗପୁର ଜିଲା ରାଇଘର ନିକଟ କଚରାପାରା ଗ୍ରାମର ଦିଶା ହୀରା (୧୩) ଓଡ଼ିଶା ଫୁଟ୍‌ବଲ ଟିମ୍‌ରେ ସ୍ଥାନ ପାଇଛନ୍ତି। କଟକରେ ଓଡ଼ିଶା ଫୁଟ୍‌ବଲ ସଂଘର ଚୟନ ପ୍ରକ୍ରିୟାରେ ସେ ମନୋନୀତ ହୋଇଛନ୍ତି।

ପିଲାଟି ଦିନରୁ ଦିଶାଙ୍କର ମା' ବାପା ନାହାନ୍ତି। ଛୋଟବେଳରୁ ସେ ଉମରକୋଟସ୍ଥିତ ନିଜ ମଉସା ପ୍ରେମ ଦାସ ପନକାଙ୍କ ଘରେ ରହି ପାଠ ପଢ଼ନ୍ତି। ଏଥିସହ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ଓ ଏମ୍.ବିଜୟ କୁମାରଙ୍କଠାରୁ ସେ ଫୁଟ୍‌ବଲ ପ୍ରଶିକ୍ଷଣ ନେଉଥିଲେ। ଦିଶା ଓଡ଼ିଶା ଟିମ୍‌ରୁ କର୍ଣ୍ଣାଟକରେ ହେବାକୁ ଥିବା ୧୪ ବର୍ଷରୁ କମ୍ ଜାତୀୟସ୍ତର ବାଳିକା ସବ୍ ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାଗନେବେ। ୧୩ ତାରିଖରେ କର୍ଣ୍ଣାଟକର ବେଲଗାମ ସହରକୁ ଓଡ଼ିଶା ଟିମ୍ ସହ ଦିଶା ଯାତ୍ରା କରିବେ। ୧୫ ତାରିଖରେ ଓଡ଼ିଶା ଟିମ୍ ତେଲଙ୍ଗାନାକୁ ଭେଟିବ। ଦିଶା ସବ୍ ଜୁନିୟର ଫୁଟ୍‌ବଲ ଟିମ୍ ପାଇଁ ମନୋନୀତ ହେବା ଖବର ପ୍ରକାଶ ପରେ ଜିଲା କ୍ରୀଡ଼ା ସଂଘ ଉପ ସଭାପତି ଏମ୍. ବାଲାକ୍ରିଷ୍ଣା ରାଓ, ଜିଲା ସମ୍ପାଦକ ଅର୍ଜୁନ ତ୍ରିପାଠୀ, ଫୁଟ୍‌ବଲ ସମ୍ପାଦକ ମନୋହର ମହାନ୍ତି, ଜିଲା କ୍ରୀଡ଼ାଧିକାରୀ ବିନାୟକ ଖାଡାଙ୍ଗା ଏବଂ ସଂଘ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ମୂଷାମରା ବିଷ ଖାଇଦେଲେ ୨ ଶିଶୁ



ଗୁରୁତର ଶିଶୁ ମାନଙ୍କ ଚିକିତ୍ସା କରାଯାଉଛି ।

ଝରିଗାଁ, ୧୧।୯ (କିଶୋର ଚନ୍ଦ୍ର ମଣ୍ଡଳ)

**ଗୁରୁତର ଅବସ୍ଥାରେ ଡାକ୍ତରଖାନରେ ଭର୍ତ୍ତି**

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ କୋଟନାପାନି ଗ୍ରାମରେ ମୂଷାମରା ବିଷ ଖାଇ ୨ ଶିଶୁ ଗୁରୁତର ଅଛନ୍ତି। ସେମାନେ ହେଲେ ଈଶ୍ୱର ସାନ୍ତାଙ୍କ ପୁଅ ଦେବରାଜ (୭) ଓ ସୁଶାନ୍ତ (୨)। ଉଭୟଙ୍କୁ ଉମରକୋଟ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ସୂଚନାନୁଯାୟୀ, ମକା ଫସଲ ସୁରକ୍ଷା ପାଇଁ ମୂଷାମରା ବିଷକୁ ଈଶ୍ୱର ମକା ବାଡ଼ ମଞ୍ଚା ଉପରେ ରଖିଥିଲେ। ମଞ୍ଚା ଉପରେ ବସିଥିବା ପିଲାମାନେ ତାହାକୁ ଖାଇବା ଜିନିଷ ଭାବି କାଗଜ ପୁଡିଆରୁ କାଢି ଖାଇ ଦେଇଥିଲେ। ଘଟଣା ଘଟିବାର ପ୍ରାୟ ୧ଘଣ୍ଟା ପରେ ଈଶ୍ୱର ଏ ସମ୍ପର୍କରେ ଜାଣଇଥିଲେ। ଦୁଇ ପୁଅର ପେଟ ଯନ୍ତ୍ରଣା ହେବାରୁ ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଉମରକୋଟ ମେଡିକାଲ ଶିଶୁ ବିଶେଷଜ୍ଞଙ୍କ ନିକଟକୁ ସ୍ଥାନାନ୍ତର କରାଯାଇଛି।

# ବନ୍ଧୁଗାଁ ଥାନା ପକ୍ଷରୁ ରକ୍ତଦାନ ଶିବିର



ରକ୍ତ ସଂଗ୍ରହ କରାଯାଉଛି ।

ନାରାୟଣପାଟଣା/ବନ୍ଧୁଗାଁ,୧୧।୯
(ରାଜକିଶୋର ଜେନା/ଅର୍ସଦ ଲଛନା)

ବନ୍ଧୁଗାଁ ଥାନାରେ ସୋମବାର ପୋଲିସ କର୍ମଚାରୀଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପ୍ରସନ୍ନ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ଜଗତ ଯୋଗଦେଇଥିଲେ। ଶିବିରରେ ବନ୍ଧୁଗାଁ ଥାନା ଓଆଇସି ବିଜୟ ମୁର୍ମୁ, ଏଏସ୍‌ଆଇ ସାଧୁ ବାବୁଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ମେଡିକାଲ ଅଧିକାରୀ ରଶ୍ମିରଞ୍ଜନ ସାମଲଙ୍କ ଉପସ୍ଥିତିରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ଏସ୍‌ଓଜି ଯବାନ, ପୋଲିସ କର୍ମଚାରୀ, ସ୍ଥାନୀୟ ଅଞ୍ଚଳର ଯୁବକ ଓ କେତେଜଣ ସରପଞ୍ଚ ରକ୍ତଦାନ କରିଥିଲେ। ଶିବିରରୁ ୪୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ପ୍ରଥମ ଦିନ ମ୍ୟାଚରେ ଗୋରମ୍ବା, ମେନ୍ଦାବେଢ଼ା ବିଜୟୀ

ଉମରକୋଟ, ୧୧।୯ (ସନ୍ତୋଷ ଶତପଥୀ)

**ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ମେନ୍ଦାବେଢ଼ାରେ 'ମାଁ ମଙ୍ଗଳା କ୍ଲବ' ପକ୍ଷରୁ ୩ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସେମଲା ପୂର୍ବତନ ନାଏବ ସରପଞ୍ଚ ଅଶୋକ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା କୃଷ୍ଣପ୍ରସାଦ ପଟ୍ଟନାୟକ ଓ ସନ୍ତୋଷ ପାତ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବାକଲିଗୁଡ଼ା ଓ ଗୋରମ୍ବା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଗୋରାମ୍ବା ଟିମ୍ ବାକଲିଗୁଡ଼ାକୁ ଗୋଟିଏ ଗୋଲ୍ ଦେଇ ବିଜୟ ଲାଭ କରିଛି। ସେହିଭଳି ଦ୍ୱିତୀୟ ମ୍ୟାଚ୍ ମେନ୍ଦାବେଢ଼ା ଟିମ୍ ସିଲାଟି ଟିମ୍‌କୁ ଭେଟିଥିଲା। ମେନ୍ଦାବେଢ଼ା ୨-୦ରେ ବିଜୟୀ ହୋଇଛି। ମ୍ୟାଚବେଳେ ପୂର୍ବତନ ସମିତି ସଭ୍ୟ ବିଶ୍ୱନାଥ ଗଣ୍ଡ, ପୂର୍ବତନ ରେଫରି ମଙ୍ଗଳ ଗଣ୍ଡ ପ୍ରମୁଖ ଯୋଗ ଦେଇଥିଲେ।



ଅତିଥି ଓ ଖେଳାଳିମାନେ ହାତ ମିଳାଉଛନ୍ତି।

# ଭଙ୍ଗା କୁଡ଼ିଆରେ କଟୁଛି ଦିନ

ନନ୍ଦାହାଣ୍ଡି,୧୧।୯ (ପ୍ରତୀପ କୁମାର ଦାଶ)

**ବାପାଙ୍କୁ ହରେଇବା ପରେ ଅର୍ଥାଭାବରୁ ଅଧାରୁ ପାଠ ଛାଡିଛନ୍ତି ୨ ଝିଅ**

ଗରିବ ଓ ଅସହାୟଙ୍କ ପାଇଁ ରାଜ୍ୟ ସରକାରଙ୍କ ଏକାଧିକ ଯୋଜନା କରୁଛନ୍ତି। କିନ୍ତୁ ତୃଣମୂଳ ସ୍ତରରେ ଯୋଜନା କେତେ ଫଳପ୍ରଦ ତାହାର ହିସାବ ନାହିଁ। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ପଞ୍ଚାୟତ ଅଧୀନ ନୂଆଗଡ ଗ୍ରାମରେ। ଗାଁର ବଳ ଅମନାତ୍ୟ (୬୫)ଙ୍କ ପରିବାର ନିକଟରେ ପହଞ୍ଚି ପାରୁନି ସରକାରୀ ଯୋଜନା।

ବଳ ଅମନାତ୍ୟଙ୍କ ସାହା ଭରସା ଥିଲା ଏକମାତ୍ର ପୁଅ ପୁରନ୍ଦର। ପୁଅ ପୁରନ୍ଦର, ବୋହୂ କୁସୁମା ଓ ୪ ନାତୁଣୀଙ୍କୁ ନେଇ ବଳଙ୍କ ପରିବାର। ଏକ ସଡ଼କ ଦୁର୍ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ମାର୍ଚ୍ଚ ୧୯ରେ ପୁରନ୍ଦରଙ୍କ ମୃତ୍ୟୁ ହୋଇଥିଲା। ସେବେଠାରୁ



ଭଙ୍ଗା ଘର ଆଗରେ ନାତୁଣୀ ସହ ବଳ।

ଅସୁବିଧାରେ ସେମାନେ ଚଳୁଛନ୍ତି। କୁସୁମା ଓ ୪ ନାବାଳିକା ଝିଅ ଭଙ୍ଗା ପଲିଥିନ କୁଡ଼ିଆରେ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। କୁସୁମା କାମ କରି ଯାହା କିଛି ଅର୍ଥ ଆଣନ୍ତି ସେଥିରେ ପରିବାର ଚଳାଇବା କଷ୍ଟକର। ଘର ମରାମତି ଉଠୁଛି କେଉଁଠି। ରାସନ କାର୍ଡରେ କୁସୁମା ଓ ବଡ଼ ୨ ଝିଅଙ୍କ ନାମ ରହିଛି। କୌଣସି କାରଣରୁ ଆଉ ୨ ଝିଅଙ୍କ ନାଁ ସେଥିରେ ଉଠିପାରିନାହିଁ। ସେମାନଙ୍କୁ ସରକାରଙ୍କ ପକ୍ଷରୁ ମାତ୍ର ୧୫ ଓ ବୃଦ୍ଧ ବଳଙ୍କୁ ୫ କେଜି ଏପରି ୨୦ କିଲୋ ଚାଉଳ ମିଳୁଛି। ଅର୍ଥାଭାବରୁ ବଡ଼ ୨ ଝିଅ ଅଧାରୁ ପାଠ ବନ୍ଦ କରିଛନ୍ତି। ଛୋଟ ଦୁଇ ଝିଅ ଗାଁ ବିଦ୍ୟାଳୟରେ ପାଠ ପଢୁଥିବାବେଳେ ଟଙ୍କା ଅଭାବରୁ ସେମାନେ ବି ଅଧାରୁ ପାଠ ଛାଡିବା ପାଇଁ ବାଧ୍ୟ ହେବେ ବୋଲି କୁସୁମା କହିଛନ୍ତି। ସେହିଭଳି ବଳଙ୍କୁ ବାର୍ଦ୍ଧକ୍ୟ ଓ କୁସୁମାଙ୍କୁ ବିଧବା ଭତ୍ତା ଏଯାଏ ମିଳି ପାରିନାହିଁ। ବଳ ଓ ତାଙ୍କ ପରିବାରକୁ ସହାୟତା ଦେବାକୁ ଗ୍ରାମବାସୀ କହିଛନ୍ତି। ଏ ନେଇ ନନ୍ଦାହାଣ୍ଡି ବିଡିଓଙ୍କୁ ପଚାରିବାରୁ ବଳଙ୍କ ପରିବାର ଲୋକଙ୍କୁ ଭେଟି ଭତ୍ତା ନ ମିଳିବାର କାରଣ ବୁଝି ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ଆବଶ୍ୟକ ହେଲେ ଝିଅମାନଙ୍କୁ ହଷ୍ଟେଲରେ ରଖିବା ବ୍ୟବସ୍ଥା ନେଇ ଚେଷ୍ଟା କରିବି ବୋଲି ବୋଲି ସେ ସୂଚନା ଦେଇଛନ୍ତି।

